# ଅଧିଆ ପଡ଼ିଲେ ଭାଜପା ବିଧାୟକ

ପୁରୀ ଅଫିସ,୧୧।୧୨


ଶ୍ରୀମନ୍ଦିର ସାମ୍ନାରେ ଶନିବାର ଅଧିଆ ପଡି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଗୁହାରି ଜଣାଉଛନ୍ତି ଭାଜପା ବିଧାୟକ।

■ବିଧାନସଭା ବନ୍ଦ ନେଇ ଜଗନ୍ନାଥଙ୍କ ପାଖରେ ଗୁହାରି
■ଦୀପ ଜାଳିଲେ, ନାମ ଜପ କଲେ

ନିର୍ଦ୍ଧାରିତ ସମୟର ୨୦ଦିନ ପୂର୍ବରୁ ବିଧାନସଭାକୁ ଭଙ୍ଗ କରିବା, ମମିତା ମେହେର ହତ୍ୟାକାଣ୍ଡରେ ସମ୍ପୃକ୍ତ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ନ କରିବା ପ୍ରତିବାଦରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଅଧିଆ ପଡ଼ିଛନ୍ତି ଭାଜପାର ୧୨ ବିଧାୟକ। ଚାଷୀମାନଙ୍କ ସମସ୍ୟା ଉପରେ ଆଲୋଚନା ପାଇଁ ବିଧାନସଭାରେ ସୁଯୋଗ ଦିଆଗଲା ନାହିଁ। ରାଜ୍ୟ ସରକାର ମମିତା ହତ୍ୟା ଘଟଣାର ସ୍ୱଚ୍ଛ ତଦନ୍ତ କଲେ ନାହିଁ। ସେହିଭଳି ଏକାଧିକ ମୌଳିକ ସମସ୍ୟାକୁ ନେଇ ବିରୋଧୀ ପ୍ରଶ୍ନ କରିବାକୁ ଚାହୁଁଥିବାବେଳେ ସରକାର ଜାଣିଶୁଣି ବିଧାନସଭାକୁ ବନ୍ଦ କରିଦେଲେ। ଫଳରେ ଆଲୋଚନା ହୋଇପାରିଲା ନାହିଁ ବୋଲି ଭାଜପା ନେତାମାନେ ଅଭିଯୋଗ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ ଓଡ଼ିଆ ଜାତିର କେବଳ ଆରାଧ୍ୟ ନୁହନ୍ତି ସେ ଆମ ପରିବାରର ମୁରବି ମଧ୍ୟ। ମହାପ୍ରଭୁଙ୍କ ଶରଣାପନ୍ନ ହୋଇ ରାଜ୍ୟ ସରକାରଙ୍କୁ ସଦବୁଦ୍ଧି ଦିଅନ୍ତୁ ବୋଲି କାମନା କରିଛୁ। ଯେଉଁଭଳି ଭାବେ ରାଜ୍ୟରେ ଏକଚ୍ଛତ୍ରବାଦ ବ୍ୟବସ୍ଥା ସ୍ଥାପିତ ହୋଇସାରିଛି ଓ ସରକାର ଜାଣିଶୁଣି ଅପରାଧୀକୁ ଘଣ୍ଟ ଘୋଡ଼ାଉଛନ୍ତିଚ୍, ତାହା ନିହାତି ପକ୍ଷେ ଚିନ୍ତାଜନକ ପ୍ରସଙ୍ଗ। ନାରୀମାନେ ରାଜ୍ୟରେ ସୁରକ୍ଷିତ ନୁହନ୍ତି। ମହାପ୍ରଭୁ ଚାହିଁଲେ ହିଁ ରାଜ୍ୟକୁ ରକ୍ଷା କରିପାରିବେ ବୋଲି ଆମର ଆଶା ରହିଥିବା ଭାଜପା ବିଧାୟକ ବିଷ୍ଣୁଚରଣ ସେଠୀ କହିଛନ୍ତି। ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର କହିଛନ୍ତି ଯେ, ମହାପ୍ରଭୁଙ୍କ ଶରଣ ପଶିବା ପାଇଁ ଆମେ ବାଧ୍ୟ ହେଲୁ। ଦୀର୍ଘ ୧୦ ଦିନ ହେବ ବିଧାନସଭା ଚାଲିଥିଲେ ମଧ ମୁଖ୍ୟମନ୍ତ୍ରୀଙ୍କୁ ଆମେ ସାକ୍ଷାତ କରିପାରିଲୁନାହିଁ। କୌଣସି ପ୍ରଶ୍ନର ଉତ୍ତର ଦେବା ପାଇଁ ମୁଖ୍ୟମନ୍ତ୍ରୀ ବିଧାନସଭାକୁ ଆସିଲେ ନାହିଁ। ମମିତା ମେହେରଙ୍କୁ ନ୍ୟାୟ ଦେବା ପାଇଁ ଆମେ ମହାପ୍ରଭୁଙ୍କ ଶରଣ ପଶିଲୁ। ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି ଯେ, ଯେତେବେଳେ ରାଜ୍ୟ ସରକାର ବିଧାନସଭାକୁ ଡ଼ରିଲେ। ୨୦ ଦିନ ପୂର୍ବରୁ ବିଧାନସଭାକୁ ବନ୍ଦ କରି ଦିଆଗଲା। ରାଜ୍ୟ ସରକାରଙ୍କର ପଳାୟନପନ୍ଥୀ ଆଭିମୁଖ୍ୟକୁ ଆମେ ନିନ୍ଦା କରିବା ସହ ରାଜ୍ୟବାସୀଙ୍କ ପାଇଁ ନ୍ୟାୟ ଭିକ୍ଷା କରୁଛୁ। ଯେଉଁ ସରକାର ଉତ୍ତରଦାୟୀ ସେ ଦାୟିତ୍ୱଠାରୁ ମୁହଁ ମୋଡ଼ିନେବା ପରେ ମହାପ୍ରଭୁଙ୍କ ଶରଣ ପଶିବା ଛଡ଼ା ଆମ ପାଖରେ ବିକଳ୍ପ ନାହିଁ। ଭାଜପା ବିଧାୟକମାନେ ରାଜ୍ୟବାସୀଙ୍କ ମଙ୍ଗଳକାମନା କରି ଦୀପଦାନ କରିବା ସହ ମହାପ୍ରଭୁଙ୍କ ଆଶିଷ ଭିକ୍ଷା କରିଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ଭାଜପାର ୧୨ ଜଣ ବିଧାୟକ ମାନେ ଅଧିଆ ପଡ଼ିବା ସହ ମହାପ୍ରଭୁଙ୍କ ନାମ ଜପ କରିଥିଲେ। ଓଡ଼ିଶାକୁ ରକ୍ଷା କରିବା ସହ ମହାପ୍ରଭୁଙ୍କୁ ସଦ୍‌ବୁଦ୍ଧି ଦେବା ପାଇଁ କାମନା କରିଥିଲେ। ବିଧାୟକମାନଙ୍କ ମଧ୍ୟରେ, ଜୟନ୍ତ କୁମାର ଷଡ଼ଙ୍ଗୀ, ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, ବିଷ୍ଣୁଚରଣ ସେଠୀ, ମୋହନ ମାଝୀ, ନଉରୀ ନାୟକ, ଭାସ୍କର ମଢେଇ, ନବଚରଣ ମାଝୀ, ସନାତନ ବିଜୁଳି, ମୁକେଶ ମହାଲିଙ୍ଗ, ଜୟନାରାୟଣ ମିଶ୍ର, ନିତ୍ୟାନନ୍ଦ ଗଣ୍ଡ ଓ ପ୍ରକାଶ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀମନ୍ଦର ସମ୍ମୁଖରେ କାର୍ଯ୍ୟକ୍ରମ ସାରି ବିଧାୟକମାନେ ପୁରୀ ସ୍ୱତନ୍ତ୍ର ପ୍ରଦକ୍ଷିଣ ଗୃହରେ ପହଞ୍ଚି ଦଳୀୟ କର୍ମୀଙ୍କ ଗହଣରେ ସମୟ ଅତିବାହିତ କରି ମହାପ୍ରସାଦ ସେବନ କରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଥିଲେ।

## କଶ୍ମୀରୀ ପଣ୍ଡିତଙ୍କ ଥଇଥାନ ପାଇଁ ଏନ୍‌ସିରେ ପ୍ରସ୍ତାବ ଗୃହୀତ

ଜମ୍ମୁ, ୧୧।୧୨


ନ୍ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲା।

ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି)ର ସଂଖ୍ୟାଲଘୁ ସେଲ୍ ପକ୍ଷରୁ ଶନିବାର ୩ଟି ପ୍ରସ୍ତାବ ଗୃହୀତ ହୋଇଛି। କଶ୍ମୀରୀ ପଣ୍ଡିତମାନଙ୍କୁ ଉପତ୍ୟକାକୁ ଫେରାଇଆଣି ଥଇଥାନ କରାଇବା ସହ ସେମାନଙ୍କୁ ରାଜନୈତିକ ସଶକ୍ତୀକରଣ କରାଇବା ସେଥିରୁ ଅନ୍ୟତମ। ଏଥିସହିତ ଉକ୍ତ ସମ୍ପ୍ରଦାୟର ବିଭିନ୍ନ ମନ୍ଦିର ଓ ଉପାସନାସ୍ଥଳୀର ପରିଚାଳନା ନିମନ୍ତେ ବିଲ୍ ଆଣିବାକୁ ପ୍ରସ୍ତାବରେ ଦାବି କରାଯାଇଛି। ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବଦୁଲ୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦିବସବ୍ୟାପୀ ସମ୍ମିଳନୀ ଆରମ୍ଭରେ ଉକ୍ତ ପ୍ରସ୍ତାବଗୁଡ଼ିକୁ ଉପସ୍ଥାପନା କରାଯାଇଥିଲା।

ଭାଜପା କଶ୍ମୀରୀ ପଣ୍ଡିତମାନଙ୍କୁ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରୁଛି ହେଲେ ସେମାନଙ୍କ ପାଇଁ କିଛି କରୁ ନ ଥିବା ଫାରୁକ୍ ଅଭିଯୋଗ କରିଛନ୍ତି। ୯୦ ଦଶକରେ କଶ୍ମୀରୀ ପଣ୍ଡିତମାନଙ୍କୁ ଉପତ୍ୟକାରୁ ତଡ଼ିଦିଆଯାଇଥିଲା। ସେମାନଙ୍କ ସୁରକ୍ଷା ପାଇଁ କିଛି କରିପାରି ନ ଥିବାରୁ ଏନ୍‌ସି ଅଧ୍ୟକ୍ଷ ଏଥିପାଇଁ କ୍ଷମା ମାଗିଛନ୍ତି। ଏନ୍‌ସି ଶାସନ ସମୟରେ ପଣ୍ଡିତମାନଙ୍କୁ ଫେରାଇ ଆଣିବାକୁ ଶତଚେଷ୍ଟା କରାଯାଇଥିଲା। ତେବେ କେତେକ ତତ୍ତ୍ୱ ପଣ୍ଡିମାନଙ୍କୁ ଗଣହତ୍ୟା କରି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଭଣ୍ଡୁର କରିଦେଇଥିଲେ ବୋଲି ଫାରୁକ୍ କହିଛନ୍ତି। ଉପତ୍ୟକା ଛାଡ଼ିବା ପରେ ପଣ୍ଡିତମାନେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। କେତେକ ଶକ୍ତି କଶ୍ମୀରୀ ପଣ୍ଡିତ ଓ ମୁସଲମାନ ସମ୍ପ୍ରଦାୟ ମଧ୍ୟରେ ବିଭାଜନ ପାଇଁ ଉଦ୍ୟମ କରୁଛନ୍ତି। ମୁସଲମାନ ନୁହନ୍ତି, ଆତ୍ମକୈନ୍ଦ୍ରିକ ଲୋକେ ପଣ୍ଡିତମାନଙ୍କୁ କଶ୍ମୀରରୁ ବିଦା କରିଥିଲେ ବୋଲି ଏନ୍‌ସି ନେତା କହିଛନ୍ତି। କଶ୍ମୀରୀ ପଣ୍ଡିତମାନେ ସମ୍ମାନର ସହ ନିଜ ଭିଟାମାଟିକୁ ଫେରିବା ନିମନ୍ତେ ଦୀର୍ଘ ୩୦ ବର୍ଷ ହେଲା ଅନାଇ ବସିଛନ୍ତି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି ଅନିଲ ଧର୍ କହିଥିଲେ। ଏନ୍‌ସି ଏକମାତ୍ର ଦଳ ଯାହା ପଣ୍ଡିତମାନଙ୍କୁ ଫେରାଇ ଆଣିବା ସହ ଥଇଥାନ କରିପାରିବ ବୋଲି ସେ କହିଥିଲେ।

## ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନର ପ୍ରତିବାଦ ୧୪ରେ କଂଗ୍ରେସର ଏସ୍‌ପି ଅଫିସ ଘେରାଉ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ମମିତା ମେହେର ହତ୍ୟା ଘଟଣାକୁ ନେଇ ଶୁକ୍ରବାର ଛାତ୍ର କଂଗ୍ରେସର ବିଧାନସଭା ଘେରାଉ ଉଦ୍ୟମବେଳେ ପୋଲିସ ଗୋଡ଼ାଇ ଗୋଡ଼ାଇ ପିଟିବା ସହ ରକ୍ତ ବୁହାଇଥିଲା। ପୋଲିସର ଏଭଳି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଆସନ୍ତା ୧୪ ତାରିଖରେ କଂଗ୍ରେସ ରାଜ୍ୟବ୍ୟାପୀ ଆନ୍ଦୋଳନ ଚେତାବନୀ ଦେଇଛି। ଶନିବାର ପିସିସି ମିଡିଆ ବିଭାଗ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଧାରଣାସ୍ଥଳରେ ପୋଲିସର ଛାତ୍ର କଂଗ୍ରେସ କର୍ମୀଙ୍କ ଉପରକୁ ବର୍ବରୋଚିତ ଆକ୍ରମଣ ଓ ସଶସ୍ତ୍ର ପୋଲିସ କଂଗ୍ରେସ ଭବନରେ ପଶି କର୍ମୀଙ୍କୁ ଗୋଡ଼ାଇ ପିଟିବା ଘଟଣାର ପ୍ରତିବାଦ ସ୍ୱରୂପ ଆସନ୍ତା ୧୪ ତାରିଖରେ ସମସ୍ତ ଜିଲା କଂଗ୍ରେସ କମିଟି ପକ୍ଷରୁ ଏସ୍‌ପି ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସକାଳ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଏହି ଧାରଣା କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

# ମିଛ କହୁଥିବା ଶାହା କ୍ଷମା ମାଗିବାକୁ ଦାବି

**ନାଗାଲାଣ୍ଡ ହତ୍ୟାକାଣ୍ଡ ବିରୋଧରେ ବିଶାଳ ରାଲି**

କୋହିମା, ୧୧।୧୨


ନାଗାଲାଣ୍ଡର ମୋନ୍ ଜିଲାରେ ବିକ୍ଷୋଭକାରୀମାନେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ କୁଶପୁତ୍ତଳିକା ଦାହ କରିବାକୁ ଯାଉଛନ୍ତି।

ନାଗାଲାଣ୍ଡର ମୋନ୍ ଜିଲାରେ ସେନା ଗୁଳିରେ ୧୪ ଜଣ ନିରୀହ ଲୋକଙ୍କ ମୃତ୍ୟୁ ଘଟଣା ପ୍ରତିବାଦରେ ଶନିବାର ସେଠାରେ ବିଶାଳ ରାଲି କରାଯାଇଛି। ଗତ ସପ୍ତାହର ଏହି ଗୁଳିକାଣ୍ଡ ସମ୍ପର୍କରେ ପାର୍ଲାମେଣ୍ଟରେ ଭୁଲ୍ ତଥ୍ୟ ଦେଇଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଏଥିପାଇଁ କ୍ଷମା ମାଗିବାକୁ ସେମାନେ ଦାବି କରିଛନ୍ତି। ବିକ୍ଷୋଭକାରୀମାନେ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ତାଙ୍କ ମିଛ ବିବୃତିକୁ ପୋଡ଼ିଥିଲେ। ନାଗାଲାଣ୍ଡରେ ଲାଗୁ ହୋଇଥିବା ସ୍ୱତନ୍ତ୍ର ବଳ ଆଇନ (ଏଫ୍‌ଏସ୍‌ପିଏ)କୁ ବିକ୍ଷୋଭକାରୀମାନେ ବିରୋଧ କରିଥିଲେ। କୋନ୍ୟକ ୟୁନିୟନର ଡାକରାରେ ଏହି ବିକ୍ଷୋଭ କରାଯାଇଥିଲା। ଆମେ ସହାନୁଭୂତି ନୁହଁ ନ୍ୟାୟ ଚାହୁଁ। ସତ୍ୟକୁ ଲୁଚାଯିବା ଦୁର୍ଭାଗ୍ୟଜନକ। ପାର୍ଲାମେଣ୍ଟରେ ଅମିତ୍ ଶାହାଙ୍କ ବିବୃତି ବିଶ୍ୱକୁ ଭୁଲ୍ ତଥ୍ୟ ଦେଇଛି। ତେଣୁ ସେ ତୁରନ୍ତ ଉକ୍ତ ବିବୃତି ପ୍ରତ୍ୟାହାର କରିନେବା ସହ କ୍ଷମା ମାଗନ୍ତୁ ବୋଲି ୟୁନିୟନର ଉପାଧ୍ୟକ୍ଷ ହୋନାଙ୍ଗ କୋନ୍ୟକ ଦାବି କରିଥିଲେ। ଉକ୍ତ ସମ୍ପ୍ରଦାୟର ୧୪ ଜଣଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ସେନା ଆକ୍ରମଣ ଘଟଣାର ତଦନ୍ତ ପାଇଁ ନିରପେକ୍ଷ କମିଟି ଗଠନ ଏବଂ ସମ୍ପୃକ୍ତ ଯବାନମାନଙ୍କ ଦଣ୍ଡବିଧାନ ପାଇଁ ସେମାନେ ଦାବି କରିଛନ୍ତି। ଏଥିସହିତ ଏଏଫ୍‌ଏସ୍‌ପିଏ ପ୍ରତ୍ୟାହାର ଲାଗି ଦୀର୍ଘଦିନର ଦାବିକୁ ସେମାନେ ଦୋହରାଇଛନ୍ତି।

## ଦର ବୃଦ୍ଧିରୁ ନଜର ହଟାଇବାକୁ ନାଟକ କରୁଛି ଭାଜପା: ବିଜେଡି

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

ରନ୍ଧନ ଗ୍ୟାସ ସମେତ ପେଟ୍ରୋଲ ଓ ଡିଜେଲର ଅହେତୁକ ଦର ବୃଦ୍ଧି ଉପରୁ ନଜର ହଟାଇବା ଲାଗି ଭାଜପା ସଦସ୍ୟ ହଙ୍ଗାମା କରି ଯେଭଳି ବିଧାନସଭାକୁ ଅଚଳ କଲେ ତାହା ରାଜ୍ୟବାସୀ ଦେଖିଲେ । ବିଧାନସଭା ଭିତରେ ଲୋକଙ୍କ ଏହି ମୌଳିକ ସମସ୍ୟା ଉଠାଇବା ବଦଳରେ ଭାଜପା ବିଧାୟକ ଦଳ ରାଜ୍ୟପାଳଙ୍କୁ ଭେଟି ଏଥିପାଇଁ ବିଜେଡିକୁ ଦାୟୀ କରି ଯେଉଁଭଳି ପାଲଟା ଅଭିଯୋଗ କରିଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଲଜ୍ଜାଜନକ । ଭାଜପାର ଏହି ଦୋମୁହାଁ ନୀତିକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଥିବା ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି । ସେ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଓଡ଼ିଶାର ସାଧାରଣ ଲୋକେ ରନ୍ଧନଗ୍ୟାସଠାରୁ ଆରମ୍ଭ କରି ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ଦରବୃଦ୍ଧିରେ ନୟାନ୍ତ ହୋଇ ପଡ଼ିଲେଣି । କେନ୍ଦ୍ର ସରକାର ଏହିସବୁ ସାମଗ୍ରୀର ଦର ନିୟନ୍ତ୍ରଣ କରିପାରୁ ନାହାନ୍ତି । ଏଥିରୁ ନଜର ହଟାଇବା ପାଇଁ ଭାଜପା ବିଧାୟକମାନେ ଓଡ଼ିଶା ବିଧାନସଭାକୁ ଅଚଳ କରି ରଖିଲେ । ବାଚସ୍ପତି ବାରମ୍ବାର ସର୍ବଦଳୀୟ ବୈଠକ ଡାକି ବିଧାନସଭାରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ଅନୁରୋଧ କଲେ । ମାତ୍ର ବିଧାନସଭା ଚଳାଇ ନ ଦେବା ଲାଗି ଭାଜପା ବିଧାୟକମାନେ କେତେବେଳେ ଘଣ୍ଟ ବଜାଇଲେ ତ ଆଉ କେତେବେଳେ ହୋହଲ୍ଲା କଲେ। ବିଧାନସଭାକୁ ନିର୍ଦ୍ଧାରିତ ଅବଧି ପୂର୍ବରୁ ବନ୍ଦ କରିବାକୁ ବାଚସ୍ପତିଙ୍କୁ ବାଧ୍ୟ କଲେ । ଏହି ନାଟକବାଜିକୁ ରାଜ୍ୟବାସୀ ଦେଖିବା ପରେ ବି ଭାଜପା କେଉଁ ମୁହଁରେ ରାଜ୍ୟପାଳଙ୍କୁ ବାଚସ୍ପତି ଓ ଶାସକ ଦଳ ବିରୋଧରେ ଫେରାଦ ହେବାକୁ ଗଲା, ତାହା ବିସ୍ମୟ ସୃଷ୍ଟି କରିଛି ବୋଲି ମହାନ୍ତି କହିଛନ୍ତି । ରାଜ୍ୟ ଭାଜପାର ଏଭଳି ଆଚରଣ ଯୋଗୁ ଲୋକେ ଏହି ଦଳକୁ ଓଡ଼ିଶାରେ ପ୍ରତ୍ୟାଖ୍ୟାନ କରୁଛନ୍ତି । ଯେଉଁଥିପାଇଁ ଭାଜପାର ଆଗଧାଡ଼ିର ନେତାମାନେ ଜଣଙ୍କ ପରେ ଜଣେ ଦଳ ଛାଡୁଛନ୍ତି । ଆଗାମୀ ଦିନରେ ଏହା ଆହୁରି ବଢ଼ିବ । ରାଜ୍ୟ ଭାଜପାର ୮ଜଣ ଏମ୍‌ପି ଦିଲ୍ଲୀରେ ଓଡ଼ିଶାବାସୀଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଲଢ଼େଇ କରିବା ଲାଗି ଜଗନ୍ନାଥ ସେମାନଙ୍କୁ ସଦ୍‌ବୁଦ୍ଧି ଦେବାକୁ ବିଜେଡି ପ୍ରାର୍ଥନା କରୁଛି । ଆଗାମୀ ଦିନରେ ରାଜ୍ୟର ସଚେତନ ଲୋକେ ଏଭଳି ଦଳକୁ ଉଚିତ ଜବାବ ଦେବେ ବୋଲି ବିଜେଡି ମୁଖପାତ୍ର କହିଛନ୍ତି ।

## ବିଜେଡିରେ ଯୋଗ ଦେଲେ ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)/ କେନ୍ଦୁଝର (ସ୍ୱପ୍ର)

ପୂର୍ବତନ କଂଗ୍ରେସ ବିଧାୟକ ତଥା ଭାଜପା ନେତା ଧନୁର୍ଜୟ ସିଦ୍ଧୁ ନିଜ ସମର୍ଥକଙ୍କ ସହ ଶନିବାର ଭୁବନେଶ୍ୱର ବିଜେଡି କାର୍ଯ୍ୟାଳୟରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି।

ଧନୁର୍ଜୟଙ୍କୁ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପୁଷ୍ପଗୁଚ୍ଛ ଦେଇ ଦଳରେ ସାମିଲ କରାଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଥିବା ଧର୍ନୁଜୟ କହିଛନ୍ତି । ସେ ଯେଉଁ ଦଳରେ ଥାଆନ୍ତୁ ନା କାହିଁକି ତେଲକୋଇ ନିର୍ବାଚନ ମଣ୍ଡଳୀର ଜୁଆଙ୍ଗ, ଭୂୟାଁ, ଗଣ୍ଡ, ବାଧୁଡି ଆଦି ଆଦିବାସୀଙ୍କ ସହିତ ରହି ତାଙ୍କ ପାଇଁ କାମ କରିବେ। ଧନୁର୍ଜୟ ୨୦୦୪ରେ କେନ୍ଦୁଝର ଜିଲା ଚମ୍ପୁଆ ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗଦେଇ ୨୦୧୯ରେ ତେଲକୋଇ ଆସନରୁ ଲଢ଼ି ହାରି ଯାଇଥିଲେ । କିଛିଦିନ ପୂର୍ବରୁ ସେ ଭାଜପାରୁ ଇସ୍ତଫା ଦେଇଥିଲେ। ଏହି ଯୋଗଦାନ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଅଶୋକ ବଳ, ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଉପସ୍ଥିତ ଥିଲେ।


ମିଶ୍ରଣ ଅବସରରେ ବିଜେଡି ନେତୃବୃନ୍ଦଙ୍କ ସହ ଧନୁର୍ଜୟ।

# ଧାରା ୩୦୭ରେ ମାମଲା ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୧।୧୨(ବ୍ୟୁରୋ)

**କଂଗ୍ରେସ ଭବନରେ ପୋଲିସର ଆକ୍ରମଣକୁ ଦୃଢ଼ ନିନ୍ଦା**

■ପୋଲିସ ଉପରୁ ଆସ୍ଥା ତୁଟିଲେ ସ୍ଥିତି ଉଗ୍ରରୂପ ନେବ
■ଆଗାମୀ ସ୍ଥିତି ପାଇଁ ସରକାର ଦାୟୀ ରହିବେ


ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

କଳାହାଣ୍ଡି ଜିଲା ମହାଲିଙ୍ଗସ୍ଥିତ ସନ୍‌ସାଇନ ପବ୍ଲିକ୍ ସ୍କୁଲ୍ ଅଧ୍ୟକ୍ଷା ମମିତା ମେହେର ହତ୍ୟାକାଣ୍ଡରେ ସଂପୃକ୍ତି ଦର୍ଶାଇ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ବହିଷ୍କାର ଓ ଗିରଫ ସହ ହାଇକୋର୍ଟ ଜଜ୍‌ଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇଟି ତଦନ୍ତ ଦାବିରେ ଶୁକ୍ରବାର ଛାତ୍ର କଂଗ୍ରେସ ବିଧାନସଭା ଘେରାଉ କରିଥିଲା। ହେଲେ ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କଂଗ୍ରେସ ଭବନରେ ପଶି ଛାତ୍ର କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲା। ତେବେ କଂଗ୍ରେସ ଏହି ଘଟଣାର ବିଚାର ବିଭାଗୀୟ ଓ ପ୍ରଶାସନିକ ତଦନ୍ତ ସହ ଦୋଷୀ ପୋଲିସ ଉପରେ ହତ୍ୟା ଉଦ୍ୟମ ଦଫାରେ ମାମଲା ରୁଜୁ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପୋଲିସର କାର୍ଯ୍ୟାନୁଷ୍ଠାନକୁ କଡ଼ା ଭାଷାରେ ନିନ୍ଦା କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁବେଳେ କୁହନ୍ତି, ଆଇନ ତା’ ବାଟରେ ଯିବ। ହେଲେ ଆଇନର ତଦନ୍ତକୁ ବାଟବଣା କରି ସରକାର ନିଜ ମନ୍ତ୍ରୀଙ୍କୁ ସୁରକ୍ଷା ଦେଉଛନ୍ତି। ପ୍ରତିବାଦରେ ଛାତ୍ର କଂଗ୍ରେସ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିଲାବେଳେ ପୋଲିସ କ୍ଷମତାର ଅପବ୍ୟବହାର କରି ମରଣାନ୍ତକ ଆକ୍ରମଣ କରୁଛି। ପୁଣି ଏକ ରାଜନୈତିକ ଦଳର କାର୍ଯ୍ୟାଳୟରେ ପଶି କର୍ମକର୍ତ୍ତାଙ୍କୁ ମାଡ଼ ମାରିବା କେତେ ଦୂର ଆଇନ ସମ୍ମତ? ଏ ଆନ୍ଦୋଳନ ଏତିକିରେ ସରିନାହିଁ, ଆଗକୁ ଆହୁରି ତୀବ୍ର କରାଯିବ ବୋଲି ନିରଞ୍ଜନ କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ସରକାର ଶୁକ୍ରବାର ମାନବାଧିକାର ଦିବସ ପାଳନ କରୁଥିବାବେଳେ ଏପଟେ ଲାଠି ମାଡ଼ କରି ମାନବ ଅଧିକାର ଉଲ୍ଲଂଘନ କରିଛନ୍ତି। ଲାଠି ମାଡ଼ କରିଥିବା ପୋଲିସ ଅଫିସରଙ୍କ ବିରୋଧରେ ଧାରା ୩୦୭ ଅନୁଯାୟୀ ଆପରାଧିକ ମାମଲା ରୁଜୁ କରି ଦଣ୍ଡ ଦିଆଯାଉ। ନଚେତ୍ ଉପାନ୍ତ ଅଞ୍ଚଳରେ ପୋଲିସ ଉପରେ ଆସ୍ଥା ହରାଇ ମାଓବାଦୀ ହେବାପରି ଏଠାରେ ମଧ୍ୟ ପୋଲିସ ଉପରୁ ଆସ୍ଥା ତୁଟିଯିବ। ଆଉ ଯଦି ଅସନ୍ତୋଷ ଉଗ୍ରରୂପ ନିଏ, ତା’ହେଲେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ। ଏଥିପାଇଁ କଂଗ୍ରେସ ମାନବାଧିକାର କମିଶନର ଦ୍ୱାରସ୍ଥ ହେବ ବୋଲି କହିଛନ୍ତି। ସେହିପରି ପୋଲିସ ଗାଡ଼ି ପୋଡ଼ି ଉଦ୍ୟମ ଆରୋପକୁ ନରସିଂହ ଏଡ଼ାଇଯାଇ କହିଛନ୍ତି, କମିଶନରେଟ ପୋଲିସର ଏହା ମନଗଢ଼ା କାହାଣୀ। ଯଦି ଭିଡ଼ ଅନିୟନ୍ତ୍ରିତ ହେଲା, ଆଇନର ବିଭିନ୍ନ ପ୍ରକ୍ରିୟା ଅନୁଯାୟୀ ପୋଲିସ ପ୍ରଥମେ ଭିଡ଼କୁ ବେଆଇନ ଘୋଷଣା କରିଥାନ୍ତା। ତା’ପରେ ପାଣି ମାଡ଼ରେ ଆନ୍ଦୋଳନକାରୀ ନ ହଟିଲେ ଲାଠି ଉଠେଇ ଡରେଇ ଥାନ୍ତା। ସେଥିରେ ଯଦି ଆୟତ୍ତ କରିପାରି ନ ଥାନ୍ତା, ତେବେ ଆନ୍ଦୋଳନକାରୀଙ୍କ ଅଣ୍ଟା ତଳକୁ ମୃଦୁ ଲାଠି ଚାଳନା କରାଯାଇଥାନ୍ତା। କିନ୍ତୁ ଶୁକ୍ରବାର ପୋଲିସ ବେଆଇନ ଭାବେ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ସାଧାରଣ ଜନତାଙ୍କ ମୁଣ୍ଡକୁ ଲାଠିରେ ପିଟି ରକ୍ତ ବୁହାଇବା ଦଣ୍ଡନୀୟ ଅପରାଧ। ଓଡ଼ିଶା ହାଇକୋର୍ଟ ଲେଙ୍କୁ ମିଶ୍ର ବନାମ ଓଡ଼ିଶା ସରକାର ମାମଲାର ରାୟ ପରିପ୍ରେକ୍ଷୀରେ ଅଣ୍ଡାମାଡ଼ ଅଭିଯୋଗରେ ପୋଲିସ କୌଣସି ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବ ନାହିଁ। ବିଜୁ ପଟ୍ଟନାୟକଙ୍କ ଉପରେ ସଚିବାଳୟରେ ଆକ୍ରମଣ ହେଲା। କିନ୍ତୁ ସେତେବେଳେ ବିଜୁ ପଟ୍ଟନାୟକ କହିଥିଲେ, ‘ଗୁଳି ମୋ ପକେଟରେ, ବନ୍ଧୁକ ପୋଲିସ ହାତରେ।’ କଳାହାଣ୍ଡିରେ ଯେତେବେଳେ ତାଙ୍କ ଉପରେ ପଥର ମାଡ଼ ହେଉଥିଲା, ସେତେବେଳେ ସୁରକ୍ଷାକର୍ମୀଙ୍କୁ ସାମ୍ନାରୁ ହଟିଯିବାକୁ କହିବା ସହ ପରବର୍ତ୍ତୀ ସମୟରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏସବୁ ହିଁ ଜଣେ ଉତ୍ତମ ରାଜନେତାଙ୍କ ଗୁଣବତ୍ତାର ପରିଚୟ। କିନ୍ତୁ ନବୀନବାବୁ ତାଙ୍କ ପୁଅ ହିସାବରେ ଅନ୍ତତଃ କିଛି ଶିକ୍ଷାଲାଭ କରନ୍ତୁ ବୋଲି ମିଶ୍ର କହିଛନ୍ତି।

## ବାଇକ୍-ସାଇକେଲ ଧକ୍କା, କଲେଜ ଛାତ୍ରୀ ଗୁରୁତର

**ନାଉଗାଁ (ସ୍ୱ.ପ୍ର):** ନାଉଗାଁ ଥାନା ଅନ୍ତର୍ଗତ ସ୍ଥାନୀୟ ବଜାରରେ ଶନିବାର ବାଇକ୍-ସାଇକେଲ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଥାନା ଅନ୍ତର୍ଗତ ସଂସାଇଲେ ଗ୍ରାମର କୈଳାସ ପରିଡାଙ୍କ ଝିଅ ଶୁଭଲକ୍ଷ୍ମୀ ଗୁରୁତର ହୋଇଛନ୍ତି। ସେ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ୩ ବିଜ୍ଞାନର ଶେଷ ବର୍ଷର ଛାତ୍ରୀ। ସେ କଲେଜରୁ କ୍ଲାସ ସାରି ସାଇକେଲରେ ଘରକୁ ଫେରୁଥିବାବେଳେ ସିଡୁରା ଗ୍ରାମର ଗୋବିନ୍ଦ ଚନ୍ଦ୍ର ଦାସଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଜଗତ୍‌ସିଂହପୁର ଜିଲା ଚିକିତ୍ସାଳୟ ସେଠାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ସଂକ୍ଷେପରେ

### କୁଞ୍ଜବିହାରୀ ମନ୍ଦିରର ବିକାଶମୂଳକ କାର୍ଯ୍ୟ ପାଇଁ ୧ କୋଟି ଘୋଷଣା

**କୁଜଙ୍ଗ,୧୧।୧୨(ଡି.ଏନ୍.ଏ.):** ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀ ରଘୁ ନନ୍ଦନ ଦାସ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଶନିବାର ଏରସମା ବ୍ଲକ ଅନ୍ତର୍ଗତ ଗଡ଼କୁଜଙ୍ଗ ଗସ୍ତରେ ଆସିଥିଲେ। ସେମାନେ କୁଞ୍ଜ ବିହାରୀ ଜଗନ୍ନାଥ ମନ୍ଦିର, ନୂଆଗାଁର ପ୍ରସିଦ୍ଧ ମନ୍ଦିର ପରିଦର୍ଶନ କରିଥିଲେ। ପରେ କୁଞ୍ଜ ବିହାରୀ ମନ୍ଦିର ପରିସରରେ ଆୟୋଜିତ ସମୀକ୍ଷା ବୈଠକରେ ଯୋଗଦେଇ ଏହି ମନ୍ଦିରର ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ କୁଞ୍ଜ ବିହାରୀ ମନ୍ଦିର ପାଇଁ ପର୍ଯ୍ୟଟନର ବିକାଶ, କଲ୍ୟାଣ ମଣ୍ଡପ ନିର୍ମାଣ, ରେଷ୍ଟଶେଡ ଓ ପାର୍କ ନିର୍ମାଣ କରିବାକୁ ମତାମତ ନିଆଯାଇଥିଲା। ଏସବୁ ପାଇଁ ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବାକୁ ମନ୍ତ୍ରୀ ପାଣିଗ୍ରାହୀ ପ୍ରତିଶ୍ରୁତି ଦେଇଥିଲେ। ତେବେ ମନ୍ଦିର ପାଇଁ ପ୍ରଥମ ପର୍ଯ୍ୟାୟରେ ୧କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଥିଲେ। ବୈଠକରେ ମନ୍ଦିର ଟ୍ରଷ୍ଟି ରାଜେନ୍ଦ୍ର ବେହେରା, ବିଷ୍ଣୁ ପ୍ରଧାନ, ଅରୁପ୍ରସାଦ ମହାନ୍ତି, ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

### ଲୋକ ଅଦାଲତରେ ୨୬୭ ମାମଲା ଫଇସଲା

**କେନ୍ଦ୍ରାପଡ଼ା ଅଫିସ,୧୧।୧୨:** କେନ୍ଦ୍ରାପଡ଼ା ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୯୭୨ ମାମଲା ମଧ୍ୟରୁ ୨୬୭ଟିର ଫଇସଲା କରାଯାଇଛି। ଏହି ଅବସରରେ ୧,୩୭,୬୪,୧୦୧ ଟଙ୍କା ଆଦାୟ ହୋଇଛି। ପ୍ରାକ ବିବାଦଜନିତ ୪୭୧୩ଟି ବ୍ୟାଙ୍କ ଋଣ ମାମଲାରୁ ୧୫୯ଟିର ବିଚାର ହୋଇ ୨୩,୬୩,୪୮୩ ଟଙ୍କା ଆଦାୟ କରାଯାଇଛି। ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା, ଏଡିଜେ ଟି.କେ.ଚିନରା, ଏଡିଜେ ଅଜୟ ପ୍ରଧାନଙ୍କ ସମେତ ଜିଲାର ଜଜ୍‌ମାନେ ଏଥିରେ ସାମିଲ ହୋଇଥିଲେ। ଏହି ଅଦାଲତକୁ ପ୍ରାଧିକରଣ ସଚିବ ସଙ୍ଗୀତା ପାଣିଙ୍କ ସମେତ କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

### ବରିଷ୍ଠ କିରାଣିଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ରଘୁନାଥପୁର,୧୧।୧୨(ଡି.ଏନ୍.ଏ.):** ରଘୁନାଥପୁର ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ବରିଷ୍ଠ କିରାଣି ଗୋବର୍ଦ୍ଧନ ବିଶ୍ୱାଳଙ୍କୁ ଜଣେ ସରକାରୀ ଓକିଲ ଶୁକ୍ରବାର କାର୍ଯ୍ୟାଳୟ ଭିତରେ ଦୁର୍ବ୍ୟବହାର କରିଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଏ ସମ୍ପର୍କରେ ବରିଷ୍ଠ କିରାଣି ବିଶ୍ୱାଳ ତହସିଲଦାରଙ୍କୁ ଜଣାଇବା ପରେ ତହସିଲଦାର ରୂପାଲିକା ଦାଶ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଓକିଲଙ୍କ ଦଖଲରେ କାର୍ଯ୍ୟାଳୟରେ ଏକ କୋଠରୀ ରହିଛି। ତହସିଲଦାର ସେଠାରେ ତାଲା ପକାଇବା ପାଇଁ କିରାଣି ବିଶ୍ୱାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁବାର ପିଅନ ଉକ୍ତ କୋଠରୀରେ ତାଲା ପକାଇ ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ସରକାରୀ ଓକିଲ ଆସି ବିଶ୍ୱାଳଙ୍କୁ ଗାଳିଗୁଲଜ କରି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

### ଜିଲା ଭାଜପା କାର୍ଯ୍ୟକାରିଣୀ ବୈଠକ

**କେନ୍ଦ୍ରାପଡ଼ା ଅଫିସ,୧୧।୧୨:** କେନ୍ଦ୍ରାପଡ଼ା ଜିଲା ଭାଜପାର ଦୁଇଦିନିଆ କାର୍ଯ୍ୟକାରିଣୀ ବୈଠକ ସହରର ତିନିମୁହାଣୀସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଶନିବାର ଆରମ୍ଭ ହୋଇଛି। ଜିଲାର ବିକାଶ, ସଙ୍ଗଠନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଆୟୋଜିତ ବୈଠକକୁ ସଭାପତି କିଶୋର ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଯୋଗଦେଇଥିବା କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଯୋଜନାରେ ଆସୁଥିବା ଅନୁଦାନ ତୃଣମୂଳସ୍ତରରେ ପହଞ୍ଚି ପାରି ନ ଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ଜିଲା ପ୍ରଭାରୀ ଡ. ଯତୀନ ମହାନ୍ତି, ବରିଷ୍ଠ ନେତା ଦୋଳଗୋବିନ୍ଦ ନାୟକ, ବିଜୟ ପ୍ରଧାନ, ସୁନାକର ବେହେରା, ବିଷ୍ଣୁ ଦାସ, ମାନସ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜ ନାମ ଦେବା, ବିଦ୍ୟୁତ ଶୁଳ୍କ ବୃଦ୍ଧି, ଖରସ୍ରୋତା ପାଣି ବିବାଦ,ବେଆଇନ ଗୋଚାଲାଣ, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଭିତରକନିକା ଓ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରକୁ ପର୍ଯ୍ୟଟନ ଶିଳ୍ପରେ ପରିଣତ କରିବା ଆଦିକୁ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ସମ୍ପାଦକ ଅଭିମନ୍ୟୁ ଗୋଛାୟତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ସଞ୍ଜୟ ସାହୁ, ଉପିନ ରାଉତ, କୃଷ୍ଣଚନ୍ଦ୍ର ପଣ୍ଡା, ମନୋରଞ୍ଜନ ଉପାଧ୍ୟାୟ, ଅହଲ୍ୟା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ଶୀତଳ ଭଣ୍ଡାରରେ ଜିଲାର ଶତାଧିକ ସଙ୍ଗଠନ

- ଆବଶ୍ୟକ ବେଳେ ସୃଷ୍ଟି ହୁଏ, ପରେ ହଜିଯାଏ
- ପାରାଦୀପରେ ବନ୍ଦ ହୋଇଛି ସର୍ବାଧିକ ସଙ୍ଗଠନ

**ଜଗତସିଂହପୁର ଅଫିସ, ୧୧।୧୨**

ଆବଶ୍ୟକ ବେଳେ ଅନେକ ସଙ୍ଗଠନ, ମଞ୍ଚ, ସମିତି, ପରିଷଦ, ସଂଘ, ଟ୍ରଷ୍ଟ, ମହାସଭା, ସଭା, ୟୁନିୟନ ଆଦି ସୃଷ୍ଟି କରାଯାଏ। ଏସବୁ ଜରିଆରେ ଆନ୍ଦୋଳନଠାରୁ ଆରମ୍ଭ କରି ଅନେକ ଦାବି ଉପସ୍ଥାପନ ହୁଏ। ସରକାର, କମ୍ପାନୀ କିମ୍ବା ଅନ୍ୟ ସଂସ୍ଥା ଉପରେ ଚାପ ପକାଯାଏ। କିନ୍ତୁ ସମୟ ଚକ୍ରରେ ଏଗୁଡ଼ିକ ମଧ୍ୟରୁ ଅଧିକାଂଶ ଶୀତଳ ଭଣ୍ଡାରକୁ ଚାଲିଯାଏ। ଜଗତ୍‌ସିଂହପୁର ଜିଲାରେ ଏପରି ଅନେକ ଉଦାହରଣ ଦେଖିବାକୁ ମିଳିଛି। ଜିଲାରେ ପ୍ରାୟ ୫୦୦ ସଙ୍ଗଠନ ବୁଡ଼ିଯାଇଛି।

ଅତୀତରେ ଜିଲା ବିକାଶ ପାଇଁ ଜଗତ୍‌ସିଂହପୁର ଜିଲା ବରିଷ୍ଠ ନାଗରିକ ମଞ୍ଚ ଗଠନ ହୋଇଥିଲା। ସେତେବେଳେ ଏହା ଅନେକଙ୍କୁ ଖୁସି ଦେଇଥିଲା। ଉଦ୍ଦେଶ୍ୟ ଥିଲା ପ୍ରଶାସନ ଓ ରାଜନେତାଙ୍କ ଉପରେ ଚାପ ସୃଷ୍ଟି କରି ଅନେକ ଦାବି ହାସଲ କରିବା। ପ୍ରଥମ ବୈଠକ ଓ ଏହାପରେ ମଞ୍ଚ ଗଠନକୁ ନେଇ ବ୍ୟାପକ ପ୍ରଚାର ହୋଇଥିଲା। ଦୁଃଖର କଥା ହେଲା ନେତୃତ୍ୱକୁ ନେଇ ବିବାଦ ହେବାରୁ ବାସ୍ତବ ଲକ୍ଷ୍ୟଠାରୁ ମଞ୍ଚ ଦୂରେଇ ଯାଇଥିଲା। ସେତେବେଳର ୨ ପ୍ରମୁଖ ରାଜନେତାଙ୍କ ବିବାଦରେ ଏହି ମଞ୍ଚ ଛନ୍ଦି ହୋଇଯାଇଥିଲା। ଏନେଇ ମଞ୍ଚ ପଞ୍ଜୀକରଣ ପୂର୍ବରୁ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଥିଲା। ଏହା ପୂର୍ବରୁ ମଧ୍ୟ ପୂଜ୍ୟପୂଜା ସମିତି ଗଠନ ହୋଇଥିଲା। ବିଶେଷକରି ସ୍ୱାଧୀନତାସଂଗ୍ରାମୀ ତଥା ମହାପୁରୁଷମାନଙ୍କ ଜନ୍ମ ଓ ମୃତ୍ୟୁ ଦିବସ ଠିକ୍ ଭାବେ ପାଳନ କରିବା ମୂଳ ଉଦ୍ଦେଶ୍ୟ ଥିଲା। ତାହା ମଧ୍ୟ ଅଧାରେ ଅଟକି ଯାଇଥିଲା। ଜଗତ୍‌ସିଂହପୁର ସମେତ ଜିଲାର ପାରାଦୀପ, ଏରସମା, କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ବିରିଡ଼ି, ନାଉଗାଁ ଓ ବାଲିକୁଦା ଆଦି ଅଞ୍ଚଳରେ ଏଭଳି ଅନେକ ସଙ୍ଗଠନ ଗଢ଼ିଉଠି ପରେ ସମୟ ଚକ୍ରରେ ଉଭେଇଯାଇଛି।

ସେଥିମଧ୍ୟରୁ ପାରାଦୀପରେ ସର୍ବାଧିକ ରହିଛି। ପଞ୍ଜୀକରଣ ନ ହୋଇ ଅନେକ ସଙ୍ଗଠନ କୌଣସି ଇସ୍ୟୁକୁ ନେଇ ସୃଷ୍ଟି ହୁଏ। ତା'ପରେ ସଙ୍ଗଠନଗୁଡ଼ିକ ପଞ୍ଜୀକରଣ ପୂର୍ବରୁ ଶୀତଳ ଭଣ୍ଡାରକୁ ଚାଲିଯାଏ। ସେହିପରି ଅନେକ ସଙ୍ଗଠନ ପଞ୍ଜୀକରଣ ହୋଇ ମଧ୍ୟ ବିଭିନ୍ନ କାରଣରୁ ଆଗେଇ ପାରିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲାର ପାଖାପାଖି ୨୫୨ଟି ସମିତି ତଥା ସଂସ୍ଥା ବନ୍ଦ ହୋଇଯାଇଛି। ସେଗୁଡ଼ିକ ମଧ୍ୟରେ ପାରାଦୀପ ପୋର୍ଟ ଡକ୍ ୱାର୍କର୍ସ ଏମ୍‌ପିସିଏସ୍, ଇଫ୍‌କୋ ଷ୍ଟାଫ କ୍ରେଡିଟ୍ କୋ-ଅପରେଟିଭ ସୋସାଇଟି, ପାରାଦୀପ କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି, ଇଷ୍ଟର୍ନ ଇଣ୍ଡିଆ ଅଏଲ ରିଫାଇନେରି ଡିସ୍‌ପ୍ଲେସ୍‌ଡ ଫ୍ୟାମିଲିଜ୍ ୱେଲଫେୟାର କୋ-ଅପରେଟିଭ ସୋସାଇଟି, ପାରାଦୀପ ଅଏଲ ରିଫାଇନେରି ଲ୍ୟାଣ୍ଡ ଲୁଜର୍ ୱେଲଫେୟାର ଲେବର କଣ୍ଟ୍ରାକ୍ଟ କୋ-ଅପରେଟିଭ୍ ସୋସାଇଟି, ପାରାଦୀପ ଡିସ୍‌ପ୍ଲେସ୍‌ଡ ପର୍ସନ ୱେଲଫେୟାର କୋ-ଅପରେଟିଭ୍ ସୋସାଇଟି, ପାରାଦୀପ ଶ୍ରମିକ ସମବାୟ ସମିତି, ପାରାଦୀପ ଲେବର କୋ-ଅପରେଟିଭ୍ ସୋସାଇଟି, ପାରାଦୀପ ଅଏଲ ରିଫାଇନେରି ଡିସ୍‌ପ୍ଲେସ୍‌ଡ ଆଣ୍ଡ ଅନଏମ୍ପ୍ଲଏଡ୍ ଲାଣ୍ଡ ଲୁଜର୍ କୋ-ଅପରେଟିଭ୍ ସୋସାଇଟି ଇତ୍ୟାଦି ପ୍ରମୁଖ ରହିଛି। ଏଗୁଡ଼ିକ ବନ୍ଦ ପଛରେ ଯେକୌଣସି କାରଣ ଥାଉ ନା କାହିଁକି ସମିତିଗୁଡ଼ିକ ଗଠନ ସମୟରେ ରହିଥିବା ପ୍ରତିଶ୍ରୁତି ପୂରଣ ହୋଇପାରିନାହିଁ। ୨୦୧୮ରେ ରାଜ୍ୟ ସରକାର ୨୦ଟି ଜିଲାରେ ୨୦ଟି ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ପିପିପି ମୋଡ୍‌ରେ କରିବାକୁ ଘୋଷଣା କରିଥିଲେ। କିନ୍ତୁ ଜଗତ୍‌ସିଂହପୁର ବାଦ୍ ପଡ଼ିଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ଜିଲା ବିକାଶ ମଞ୍ଚ ଗଠନ କରାଯାଇ ରାଜନୀତି କରାଯାଇଥିଲା। ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଜିଲାରେ ଦ୍ୱିତୀୟ ପର୍ଯ୍ୟାୟରେ ଏଭଳି ଅନୁଷ୍ଠାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏପର୍ଯ୍ୟନ୍ତ ଏହା ପୂରଣ ହୋଇ ନ ଥିବାବେଳେ ହସ୍ପିଟାଲ ତିଆରି ଦାବିରେ ଆରମ୍ଭ ହୋଇଥିବା ମଞ୍ଚ ଏବେ ଶୀତଳ ଭଣ୍ଡାରକୁ ଚାଲିଯାଇଥିବା ଆଲୋଚନା ହେଉଛି।

## ଜିଲାପାଳଙ୍କ ବିରିଡି ବ୍ଲକ ଗସ୍ତ
## '୫-ଟି ଯୋଜନାରେ ଆସିଥିବା ଅର୍ଥକୁ ସୁବିନିଯୋଗ କର'

**ବିରିଡି, ୧୧।୧୨(ଡି.ଏନ୍.ଏ.)**

ଜଗତ୍‌ସିଂହପୁରର ନୂତନ ଜିଲାପାଳ ପାରୁଲ ପଟୱାରୀ ବିରିଡି ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିଛନ୍ତି। ସେ ପ୍ରଥମେ ନାଇଲୋସ୍ଥିତ ଯଶୋବନ୍ତ ବିଦ୍ୟାପୀଠ ପରିଦର୍ଶନ କରି ପ୍ରଧାନ ଶିକ୍ଷକ ସମରେନ୍ଦ୍ର ନାଥ ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ। ସେଠାରେ ଥିବା ଏକ ପରିତ୍ୟକ୍ତ ଗୃହକୁ ଭାଙ୍ଗି ନୂତନ ଗୃହ ନିର୍ମାଣ ପାଇଁ ବିଡିଓ ହେମନ୍ତ କୁମାର ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ପ୍ରଧାନ ଶିକ୍ଷକ ବିଶ୍ୱାଳଙ୍କୁ ୫-ଟି ଯୋଜନାରେ ସ୍କୁଲ ପାଇଁ ଆସିଥିବା ୨୦ ଲକ୍ଷ ଟଙ୍କାର ସୁବିନିଯୋଗ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପରେ ସେ ଗୋପୀନାଥପୁରସ୍ଥିତ ତପସ୍ୟା ଏସ୍‌ଏଚ୍‌ଜି ଗ୍ରୁପ୍‌କୁ ଯାଇ ସେମାନଙ୍କ ଧୂପକାଠି ୟୁନିଟକୁ ବୁଲି ଦେଖିଥିଲେ। ପରେ ପୁରଣ ହାଇସ୍କୁଲ ଓ ତେନ୍ତୁଳିଆ ଚକାଡୋଳା ଗ୍ରୁପ୍ କରିଥିବା ସୁଗାର ଫ୍ରୀ ଧାନଚାଷ ବୁଲି ଦେଖିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟ ନିକଟ ଗୌରୀଦେବୀ ପ୍ରଦ୍ୟୁସର ଗ୍ରୁପର ଟେଲରିଂ ୟୁନିଟ, ଉତ୍ତରଶାସନ ପଞ୍ଚାୟତ ଅଫିସ,କଲ୍ୟାଣ ମଣ୍ଡପ, ମିଶନଶକ୍ତି ଗୃହ ଓ ମହାବୀର ବିଦ୍ୟାପୀଠ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଏହି ଗସ୍ତ ସମୟରେ ଓର୍ମାସର ଡେପୁଟି କୋ-ଅର୍ଡିନେଟର ସତ୍ୟସୁନ୍ଦର ପାଇଟାଳ, ମାର୍କେଟିଂ ଆସିଷ୍ଟାଣ୍ଟ ପ୍ରଭାତ କୁମାର ଦାସ, ତହସିଲଦାର ସାଗରିକା ପ୍ରିୟଦର୍ଶିନୀ, ସିଡିପିଓ ଗୌରୀ ଦେଇ ଓ ସହକାରୀ ଯନ୍ତ୍ରୀ କୃଷ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଗଚାଷୀଙ୍କ ନାମରେ ଉଠିଛି ଋଣ

**ପଟ୍ଟାମୁଣ୍ଡାଇ,୧୧।୧୨(ସ୍ୱ.ପ୍ର.)**


୪ଜଣିଆ ହାଇପାୱାର କମିଟି ଶୁକ୍ରବାର କାଗଜପତ୍ର ଯାଞ୍ଚ କରୁଛନ୍ତି।

- ଦୁର୍ନୀତିରେ ବୁଡ଼ିଛି ସମବାୟ ସମିତି
- ଦ୍ୱିତୀୟ ପର୍ଯ୍ୟାୟ ତଦନ୍ତ ଚାଲିଛି

କଟକ ସେଣ୍ଟ୍ରାଲ୍ କୋ-ଅପରେଟିଭ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖା ଅଧୀନରେ ଥିବା ସଂସାରଫଳ ପ୍ରାଥମିକ କୃଷି ସମବାୟ ସମିତିରେ ଦୁର୍ନୀତି ସୀମା ଲଂଘିଛି। ଏ ସମ୍ପର୍କରେ କିଛିଦିନ ତଳେ ସୁଶାନ୍ତ ପ୍ରସାଦ ସାମନ୍ତରାୟ ଓ ଅନ୍ୟମାନେ ଅଭିଯୋଗ କରିଥିଲେ। ବିଭାଗୀୟ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସମବାୟ ସମିତିରେ ହୋଇଥିବା ଜାଲିଆତି ଘଟଣାକୁ ନେଇ ୪ ଜଣିଆ ହାଇପାୱାର କମିଟି ଗତ ମାସ ୨୩ରେ କଟକ ସେଣ୍ଟ୍ରାଲ୍ କୋ-ଅପରେଟିଭ ବ୍ୟାଙ୍କ ପଟ୍ଟାମୁଣ୍ଡାଇ ଶାଖାରେ ପହଞ୍ଚି ତଦନ୍ତ କରିବା ସହ କାଗଜପତ୍ର ଯାଞ୍ଚ ପାଇଁ ନେଇଥିଲେ। ଶୁକ୍ରବାର ପୁଣି ଥରେ ଏହି ଟିମ୍ କଟକ ସେଣ୍ଟ୍ରାଲ୍ କୋ-ଅପରେଟିଭ ବ୍ୟାଙ୍କ ପଟ୍ଟାମୁଣ୍ଡାଇରେ ପହଞ୍ଚି ୨ୟ ପର୍ଯ୍ୟାୟ ତଦନ୍ତ କରିଛନ୍ତି। ଉକ୍ତ ଟମ୍‌ର ସଦସ୍ୟମାନେ ବିଭିନ୍ନ କାଗଜପତ୍ର ଯାଞ୍ଚ କରିବା ସହ କେତେଜଣଙ୍କ କାଗଜପତ୍ର ଜବତ କରି ନେଇଯାଇଥିବା ଅଭିଯୋଗ ହୋଇଛି।

୨୦୨୦ ମେ'ରୁ ଅଗଷ୍ଟ ମଧ୍ୟରେ ଖରିଫ ଋତୁ ପାଇଁ ପ୍ରଦାନ କରାଯାଇ ଥିବା ସମସ୍ତ କୃଷି ଋଣର ତଦନ୍ତ କରାଯିବା, ଋଣ ପ୍ରଦାନ କରାଯାଇଥିବା ବ୍ୟକ୍ତିଙ୍କ ନାମକୁ ବ୍ୟାଙ୍କ ରେଜିଷ୍ଟର ଓ କୃଷି ସମବାୟ ସମିତିରେ ଥିବା ରେଜିଷ୍ଟରରେ ସମାନ ଅଛି କି ନାହିଁ ତନଖି କରାଯିବା, ଭୂମିହୀନମାନଙ୍କୁ ଚାଷୀ ବୋଲି ଦର୍ଶାଇ ଋଣ ପ୍ରଦାନ,ଭୁତ ଚାଷୀଙ୍କୁ ଋଣ ପ୍ରଦାନ କରାଯିବା ଭଳି ସଙ୍ଗୀନ ଅଭିଯୋଗ ଥିବା ବେଳେ ବ୍ୟାଙ୍କ ଓ ସମବାୟ ସମିତିଗୁଡ଼ିକ ପାଇଁ ପ୍ରଣୟନ ହୋଇଥିବା ଆଇନକୁ ସମବାୟ ସମିତି ସମ୍ପାଦକ ପାଳନ ନ କରି ମନଇଚ୍ଛା ପରିଚାଳନା କରିବା ଆଦି ଅଭିଯୋଗ ରହିଥିଲା। ଏପରି ଅଭିଯୋଗକୁ ଭିତ୍ତି କରି ଶନିବାର କଟକ ଡିଭିଜନ-୨ ସମବାୟ ସମିତି ଲିଃର ଉପନିବନ୍ଧକ ରୁଦ୍ରପ୍ରସାଦ ଦାସଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟି ଏହାର ତଦନ୍ତ ଆରମ୍ଭ କରିଥିବା ବେଳେ ଉକ୍ତ କମିଟିରେ କଟକ ସମବାୟ ବ୍ୟାଙ୍କ ଲିଃ ର ସମ୍ପାଦକ ଅଶୋକ କୁମାର ଦାସ, କଟକ ସର୍କଲ-୧ ର ସହକାରୀ ଅଡିଟର ଜେନରାଲ ସୁନିତା ଶତପଥୀ, ଉପ-ସହକାରୀ ନିବନ୍ଧକ ଅକ୍ଷୟ କୁମାର ସାହୁ ସଦସ୍ୟ ଅଛନ୍ତି। ଘଟଣା ସମ୍ପର୍କରେ ତଦନ୍ତରେ ଆସିଥିବା ଅଫିସରଙ୍କୁ ପଚାରିବାରେ, ଅଭିଯୋଗରେ କ'ଣ ସତ୍ୟତା ରହିଛି ବିଭିନ୍ନ କାଗଜପତ୍ର ଯାଞ୍ଚ ପରେ ତାହା ଜଣାପଡିବ ବୋଲି ସେ କହିଛନ୍ତି।

# 'ପୋଲିସର ଦମନଲୀଳାକୁ ବରଦାସ୍ତ କରାଯିବ ନାହିଁ'

**କୁଜଙ୍ଗ,୧୧।୧୨(ଡି.ଏନ୍.ଏ.)**

ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ପ୍ରସ୍ତାବିତ ଜେଏସଡବ୍ଲ୍ୟୁ ପ୍ରକଳ୍ପକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଡିସେମ୍ବର ୪ରେ ଗ୍ରାମବାସୀ ଓ ପୋଲିସ୍ ମୁହାଁମୁହିଁ ହୋଇଥିଲେ। ଏହା ପରଠାରୁ ପୋଲିସ ଉକ୍ତ ଗ୍ରାମକୁ ନାକାବନ୍ଦୀ କରି ରଖିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଶନିବାର ଭାଜପାର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଢିଙ୍କିଆ ଗସ୍ତରେ ଆସିଥିଲେ। ରାଜ୍ୟ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ତଥା ଜଗତ୍‌ସିଂହପୁରର ପୂର୍ବତନ ଏମ୍‌ପି ଡ. ବିଭୁ ପ୍ରସାଦ ତରାଇ ଏହାର ନେତୃତ୍ୱ ନେଇଥିଲେ। ଭାଜପା ଟିମ୍ ଢିଙ୍କିଆ ରାଜସ୍ୱ ଗ୍ରାମର ସୀମା, ବାଲିଟିକରା, ପାନବରଜ ଆଦି ଅଞ୍ଚଳ ବୁଲିବା ସହ ପୂର୍ବତନ ସମିତି ସଭ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କ ଘରକୁ ଯାଇଥିଲେ। ଅପରାହ୍ନରେ ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଭୁ ପ୍ରସାଦ ତରାଇ ଯୋଗ ଦେଇ କହିଥିଲେ ଭାଜପା ଜାତୀୟ ପ୍ରକଳ୍ପର ବିରୋଧୀ ନୁହେଁ। ତେବେ ଏଠାରେ ଜେଏସଡବ୍ଲ୍ୟୁ ପକ୍ଷରୁ ବନ୍ଦର ନିର୍ମାଣ କରାଗଲେ ମତ୍ସ୍ୟଜୀବୀ କ୍ଷତିଗ୍ରସ୍ତ ହେବେ। ତେଣୁ ପ୍ରଶାସନ ପ୍ରଥମେ ସେମାନଙ୍କ ଜୀବିକା ସୁରକ୍ଷିତ କରିବା ସହ ବିସ୍ଥାପିତଙ୍କୁ କିପରି ଉପଯୁକ୍ତ ଥଇଥାନ କରିବ, ସେନେଇ ସର୍ବଦଳୀୟ ବୈଠକ ଡାକି ଆଲୋଚନା କରିବାକୁ ତରାଇ ଦାବି କରିଥିଲେ। ତେବେ କୌଣସି ପରିସ୍ଥିତିରେ ପୋଲିସର ଦମନଲୀଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ ଚେତାବନୀ ଦେଇଥିଲେ। ସଭାରେ ନିତ୍ୟାନନ୍ଦ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତିସଭ୍ୟ ସ୍ୱାଇଁ ଓ ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ମାନବାଧିକାର ଦିବସ ପାଳିତ

**ପଟ୍ଟାମୁଣ୍ଡାଇ,୧୧।୧୨(ସ୍ୱ.ପ୍ର.)**

ଶୁକ୍ରବାର କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ କୋର୍ଟ ତାଲୁକ ଆଇନ ସେବା ସମିତି ପକ୍ଷରୁ ବକ୍ତାରପୁର ଉଚ୍ଚ ବିଦ୍ୟାଳୟ ସଭାଗୃହରେ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିଭାବେ ସିନିୟର ସିଭିଲ ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ଗୋପବନ୍ଧୁ ଗଡ଼ନାୟକ ଯୋଗଦେଇ କହିଛନ୍ତି, ପ୍ରତିବର୍ଷ ଡିସେମ୍ବର ୧୦କୁ ଆର୍ନ୍ତରାଷ୍ଟ୍ରୀୟ ମାନବାଧିକାର ଦିବସ ଭାବେ ପାଳନ କରାଯାଉଛି। ଏହାର ଉଦ୍ଦେଶ୍ୟ ଜନସାଧାରଣ ନିଜର ଅଧିକାର ପ୍ରତି ଜାଗ୍ରତ ରହିବେ। ମାନବାଧିକାର କାନୁନ ମଧ୍ୟରେ ସ୍ୱାସ୍ଥ୍ୟ, ଆର୍ଥିକ, ସାମାଜିକ ଓ ଶିକ୍ଷା ଭଳି ଅଧିକାର ସାମିଲ ହୋଇଛି। ଏହା ମଣିଷର ଜନ୍ମଗତ ଅଧିକାର। ଯାହାଦ୍ୱାରା ମଣିଷ ଜାତି, ରାଷ୍ଟ୍ର, ଧର୍ମ ଓ ଲିଙ୍ଗ ଆଧାରରେ ସେମାନଙ୍କୁ କେହି ପ୍ରତାରିତ କରିପାରିବେ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ପିଏଲ୍‌ଭି ପ୍ରଫୁଲ୍ଲ କୁମାର ଦାଶ, ବାର ଆସୋସିଏଶନ ସଭାପତି ଭୀମସେନ ପ୍ରଧାନ, ସମ୍ପାଦକ ତପନ କୁମାର ମିଶ୍ର, କେନ୍ଦ୍ରାପଡ଼ା ବାର ଆସୋସିଏଶନର ପୂର୍ବତନ ସମ୍ପାଦକ ଦିଲ୍ଲୀପ କୁମାର ସାହୁ, ଆଇନଜୀବୀ ବିଦ୍ୟାଭୂଷଣ ଦାଶ,ଭବାନୀ ଶଙ୍କର ପଣ୍ଡା, ରବିନ୍ଦ୍ର କୁମାର ଦାଶ ପ୍ରମୁଖ ଉଦ୍‌ବୋଧନ ଦେଇ ମାନବିକ ଅଧିକାର ସମ୍ପର୍କରେ ଆଲୋଚନା କରିଥିଲେ।

# କୃଷି କାର୍ଯ୍ୟାଳୟରେ ତାଲା: ଚାଷୀ ଅସନ୍ତୁଷ୍ଟ


ଚାଷୀମାନେ ସାଙ୍ଗରେ ଆଣିଥିବା ଫର୍ମ ଓ କାଗଜପତ୍ର ଦେଖାଉଛନ୍ତି।

**ନାଉଗାଁ,୧୧।୧୨(ସ୍ୱ.ପ୍ର)**

**କ୍ଷୟକ୍ଷତି ପାଇଁ ଆବେଦନର ଶେଷ ତାରିଖ ଥିଲା**

ବାତ୍ୟା 'ଜୱାଦ' ପ୍ରଭାବରେ ଲଗାଣ ବର୍ଷା ଯୋଗୁ ନାଉଗାଁ ବ୍ଲକର ବହୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। କ୍ଷତିଗ୍ରସ୍ତ ଚାଷୀ ଫର୍ମ ମାଧ୍ୟମରେ ରାଜସ୍ୱ ନିରୀକ୍ଷକ କିମ୍ବା ଗ୍ରାମ୍ୟ କୃଷି କର୍ମଚାରୀଙ୍କ ନିକଟରେ ଡିସେମ୍ବର ୧୧ ତାରିଖ ମଧ୍ୟରେ ଜମିର ପଟ୍ଟା ଓ ଅନ୍ୟାନ୍ୟ ପରିଚୟପତ୍ର ଜରିଆରେ ଆବେଦନ କରିବାକୁ ନାଉଗାଁ ବ୍ଲକ କୃଷି କାର୍ଯ୍ୟାଳୟରେ ନୋଟିସ ଲଗାଯାଇଥିଲା। ଶନିବାର ଫର୍ମ ଦାଖଲର ଶେଷ ତାରିଖ ଥିବାରୁ ଚାଷୀମାନେ ଆବଶ୍ୟକ କାଗଜପତ୍ର ସହ ବ୍ଲକ କୃଷି କାର୍ଯ୍ୟାଳୟକୁ ଆସିଥିଲେ। ମାତ୍ର କାର୍ଯ୍ୟାଳୟ ବନ୍ଦ ଥିବାରୁ ଅନେକ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ନାଉଗାଁ ବ୍ଲକ ସହ କୃଷି ଅଧିକାରୀ ନିର୍ମାଲ୍ୟ ନାୟକଙ୍କୁ ମୋବାଇଲରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

# ୧୫ରୁ ପାରାଦୀପରେ ନଦୀ ମହୋତ୍ସବ

**ଜଗତ୍‌ସିଂହପୁର ଅଫିସ, ୧୧।୧୨**

ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ନଦୀ ମହୋତ୍ସବ ଡିସେମ୍ବର ୧୫ରୁ ୨୫ ମଧ୍ୟରେ ପାଳନ କରାଯିବ। ଏହି ଅନୁଯାୟୀ ଓଡିଶାର ମହାନଦୀ ନିକଟ ସମ୍ବଲପୁର, କଟକ ଓ ପାରାଦୀପରେ ନଦୀ ଉତ୍ସବ ପାଳନ କରାଯିବ। ପାରାଦୀପର କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ୧୫, ୧୭, ୧୯, ୨୧, ୨୩ ଓ ୨୫ ତାରିଖରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଶ୍ରମଦାନ, ସଫେଇ କାର୍ଯ୍ୟକ୍ରମ, ବାଲୁକା କଳା ଓ ନଦୀ ସଫେଇ ପାଇଁ ଶପଥପାଠ ହେବ। ୧୭ରେ ଯୋଗ, ମେଡିଟେସନ୍, ସ୍ୱାଧୀନତା ସଂଗ୍ରାମୀଙ୍କ ବିଷୟରେ ଗଳ୍ପ, ୧୯ରେ ଚଉମୁହାଣିଠାରୁ ମହାନଦୀ କୂଳରେ ଚାରାରୋପଣ କାର୍ଯ୍ୟକ୍ରମ ହେବ। ୨୧ରେ ରଙ୍ଗୋଲି, ଇକୋସିଷ୍ଟମ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବ। ଏଥିସହ ମିନି ମାରାଥନ ଓ ବାଳକ ଭଲି ବଲ ପ୍ରତିଯୋଗିତା କରାଯିବ। ୨୩ରେ ମା' ଶାରଳାଙ୍କ ମନ୍ଦିର ପରିସରରେ ଦୀପ ଉତ୍ସବ ହେବ। ୨୫ରେ ପାରାଦୀପ ବାଲିଯାତ୍ରା ପଡ଼ିଆରେ ପର୍ଯ୍ୟଟନ ପଦଯାତ୍ରା, ମାନବ ଶୃଙ୍ଖଳ, ଦସ୍ତଖତ ଅଭିଯାନ, ସମୁଦ୍ର କୂଳ ସଫେଇ, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଦିଆଯିବ। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଏନେଇ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ପାରୁଲ ପଟୱାରିଙ୍କ ପୌରୋହିତ୍ୟ କରିଥିଲେ। ଏଥିରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କ ଓ ପାରାଦୀପ ପୌର ନିର୍ବାହୀ ଅଧିକାରୀ ସୌରିନ୍ଦ୍ରୀ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଏସ୍‌ପି ପାଇଁ କୃଷକ ମୋର୍ଚ୍ଚା ଲଢ଼େଇ ଜାରି ରଖିବ

**କେନ୍ଦ୍ରାପଡ଼ା ଅଫିସ, ୧୧।୧୨**

କେନ୍ଦ୍ର ସରକାରଙ୍କ ୩ ନୂତନ କୃଷି ଆଇନ ସଂସଦରେ ପ୍ରତ୍ୟାହାର ହୋଇଛି। ଏହି ଆଇନ ପ୍ରତ୍ୟାହାର ଦ୍ୱାରା କୃଷକଙ୍କ ବିଜୟ ହୋଇଛି। ତେବେ କୃଷକଙ୍କ ସମସ୍ତ ସମସ୍ୟା ଅଦ୍ୟାବଧି ସମାଧାନ ହୋଇନାହିଁ। କୃଷି ଉତ୍ପାଦର ଏମଏସପି ପାଇଁ ଲଢ଼େଇ ଜାରି ରହିବ ବୋଲି କେନ୍ଦ୍ରାପଡ଼ା ଜିଲା ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଶନିବାର ଘୋଷଣା କରାଯାଇଛି। ସହରର ପୁରୁଣା ବସଷ୍ଟାଣ୍ଡ ଠାରେ କୃଷକ ମୋର୍ଚ୍ଚା ପକ୍ଷରୁ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। କିଷାନ କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଆବାହକ ଗୟାଧର ଧଳ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, କର୍ମକର୍ତ୍ତା ରମଣୀରଞ୍ଜନ ରାଉତରାୟ, ଏଲିନା ସାମନ୍ତରାୟ, ଫକୀର ଚରଣ ଖଟୁଆ, ମହେନ୍ଦ୍ର ପରିଡା, ଆଦିକନ୍ଦ ରାଉଳ ପ୍ରମୁଖ ଯୋଗ ଦେଇ କୃଷକ ଆନ୍ଦୋଳନ ସମ୍ପର୍କରେ ନିଜର ମତ ରଖିଥିଲେ। ସେମାନେ ପ୍ରକାଶ କରିଥିଲେ, ନୂତନ କୃଷି ଆଇନ ତୃଣମୂଳସ୍ତରରେ ଥିବା କୃଷକଙ୍କ ହିତରେ ନ ଥିଲା। ଏଥିପାଇଁ ଦୀର୍ଘ ମାସ ଧରି ଆନ୍ଦୋଳନ କରିବାକୁ ପଡିଥିଲା ବେଳେ ୭୦୦ରୁ ଉର୍ଦ୍ଧ୍ୱ କୃଷକଙ୍କ ଇତିମଧ୍ୟରେ ଜୀବନ ହାନି ଘଟିଛି। କେନ୍ଦ୍ର ସରକାରଙ୍କ କୃଷି ଆଇନ ପ୍ରତ୍ୟାହାର ପରେ କୃଷକଙ୍କ ଶକ୍ତିକୁ ଦେଶ ଦେଖିଛି ବୋଲି ସେମାନେ ପ୍ରକାଶ କରିଥିଲେ। ଏହି ଉତ୍ସବରେ ଶତାଧିକ ମୋର୍ଚ୍ଚା କର୍ମକର୍ତ୍ତା ସାମିଲ ହୋଇଥିଲେ।

# ଖରିଫ ଚାଷୀଙ୍କ ଦୁଃଖ ଚିଙ୍ଗୁଡ଼ି ଘେରି

**କେନ୍ଦ୍ରାପଡ଼ା ଅଫିସ,୧୧।୧୨**



- ଘେରିରୁ ପାଣି ଆସି ଚାଷଜମିରେ ମାଡ଼ିଗଲା
- ସ୍ଥାୟୀ ସମାଧାନ ପାଇଁ ଚାଷୀଙ୍କ ଦାବି
- ବର୍ଷା କ୍ଷତିର ଅନୁଧ୍ୟାନ ପାଇଁ ଆଜି ଆସୁଛନ୍ତି କେନ୍ଦ୍ରୀୟ ଦଳ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା, ରାଜନଗର ଓ ରାଜକନିକା ବ୍ଲକରେ ଗତ ୪ରୁ ୬ ତାରିଖ ମଧ୍ୟରେ ୪୭୭ ମିଲିମିଟର ବର୍ଷା ହୋଇଛି। ଏଥିରେ ଚିଙ୍ଗୁଡ଼ି ଘେରିରୁ ପାଣି ଉଛୁଳି ନିକଟସ୍ଥ ଖରିଫ ଚାଷକୁ ନଷ୍ଟ କରିଛି। ଏନେଇ ୩ ବ୍ଲକ ଅଞ୍ଚଳର ଚାଷୀ ଓ ଚିଙ୍ଗୁଡ଼ି ଘେରି ମାଲିକ ମୁହାଁମୁହିଁ ହୋଇଛନ୍ତି। ଶୁକ୍ରବାର ମହାକାଳପଡ଼ା ବ୍ଲକ ପେଟଛେଲାର କେତେଜଣ ବ୍ୟକ୍ତି ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଚିଙ୍ଗୁଡ଼ି ଘେରି ଚାଷୀଙ୍କ ପାଇଁ ଦୁଃଖ ବୋଲି ସେମାନେ କହିଛନ୍ତି। ବର୍ଷାଜନିତ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ ରବିବାର ଆସୁଥିବା କେନ୍ଦ୍ରୀୟ ଦଳକୁ ଘେରି ଅଞ୍ଚଳରେ ଅନୁଧ୍ୟାନ ପାଇଁ ନେବାକୁ ଜିଲା ପ୍ରଶାସନ ନିକଟରେ ସେମାନେ ଦାବି କରିଛନ୍ତି। ଚିଙ୍ଗୁଡ଼ି ଘେରି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏଡିଏମ୍‌ଙ୍କୁ ସମ୍ପୃକ୍ତ ବ୍ୟକ୍ତିମାନେ ଅନୁରୋଧ କରି ଦାବିପତ୍ର ପ୍ରଦାନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ମହାକାଳପଡ଼ାର ସୁନିଲ କୁମାର ଗନ୍ତାୟତ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ସମେତ ସ୍ଥାନୀୟ ଚାଷୀଙ୍କ ପାଇଁ ଚିଙ୍ଗୁଡ଼ି ଘେରି ବିପଦ ସାଜିଛି। ଘେରିରୁ ଆସୁଥିବା ଲୁଣି ପାଣି ଚାଷ ଜମିକୁ ନଷ୍ଟ କରୁଛି। ଘେରିରେ ଉନ୍ନତ ଓ ଅଧିକ ଚିଙ୍ଗୁଡ଼ି ଅମଳ ପାଇଁ ରାସାୟନିକ ପଦାର୍ଥ ବ୍ୟବହାର ହେଉଛି। ପୋଖରୀରେ ପାଣି ବଦଳାଇବା ସମୟରେ ଏହି ପାଣିକୁ ନାଳ ମାଧ୍ୟମରେ ସମୁଦ୍ରକୁ ଛଡାଯାଉଛି। ରାସାୟନିକ ସାମଗ୍ରୀ ପାଇଁ ପରିବେଶ ନଷ୍ଟ ହେଉଛି। ଖରିଫ ଧାନ ସହିତ ଭିତରକନିକା ଜୈବ ବିବିଧତା ଉପରେ ଏହାର ପ୍ରଭାବ ପଡୁଛି। ଏନେଇ ଚାଷୀ ଓ ଚିଙ୍ଗୁଡ଼ି ଚାଷୀ ମୁହାଁମୁହିଁ ହେବା ସହିତ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ରାଜନଗରର ଦୋଳଗୋବିନ୍ଦ ଜେନା କହିଛନ୍ତି, ଚିଙ୍ଗୁଡ଼ି ଘେରି ଉଚ୍ଛେଦ ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ଏକ ମାମଲା ହୋଇଛି। ଆମିକସକ୍ୟୁରୀ ମୋହିତ ଅଗ୍ରୱାଲ ଏହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଜିଲା ପ୍ରଶାସନ ତୁରନ୍ତ ବେଆଇନ ଚିଙ୍ଗୁଡ଼ି ଘେରିକୁ ଉଚ୍ଛେଦ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ଏବେ ୧୫ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଜମିରେ ଚିଙ୍ଗୁଡ଼ି ଘେରି ହୋଇଛି। ଗତ ଲଗାଣ ବର୍ଷାରେ ଏହି ଘେରିରୁ ପାଣି ବାହାରି ଚାଷ ଜମି ନଷ୍ଟ କରିଛି। ଜିଲା ପ୍ରଶାସନ ଘେରି ଉଚ୍ଛେଦ ନାମକୁମାତ୍ର କରୁଥିବା ସେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ରାଜନଗରର ପ୍ରତ୍ୟୁଷ କୁମାର ନାୟକ କହିଛନ୍ତି, ଚଳିତବର୍ଷ ପ୍ରାୟ ୧୫ ଏକର ଜମିରେ ଖରିଫ ଧାନ ଫସଲ କରିଥିଲେ। ଗତ ଲଗାଣ ବର୍ଷାରେ ପାଟ ଜମି ଧୋଇ ଯାଇଥିବା ବେଳେ ଉଚ୍ଚ ଜମିରେ ଥିବା ଚିଙ୍ଗୁଡ଼ି ଘେରି ଫସଲକୁ ନଷ୍ଟ କରିଛି। ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ଘେରିରୁ ଆସିଥିବା ଲୁଣା ପାଣି କ୍ଷେତ ଉଜାଡି ଦେଇଛି। ଚିଙ୍ଗୁଡ଼ି ଘେରି ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଆଗାମୀ ଦିନରେ ବହୁ ଚାଷୀ ଚାଷ ଛାଡିବାକୁ ବାଧ୍ୟ ହେବେ। ଜଣେ ଚିଙ୍ଗୁଡ଼ି ଘେରି ମାଲିକଙ୍କ କହିବା କଥା, ଘେରି ନିର୍ମାଣ ଏବେ ଲାଭଜନକ ବ୍ୟବସାୟ ପାଲଟିଛି। ଏଥିରେ ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ମିଳୁଥିବା ବେଳେ ଜିଲାର ଅର୍ଥନୈତିକ ଅଭିବୃଦ୍ଧି ହେଉଛି। ରାଜ୍ୟ ସରକାର ଚିଙ୍ଗୁଡ଼ି ଚାଷ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିବା ବେଳେ ନିଜ ଜମିରେ ଚିଙ୍ଗୁଡ଼ି ଚାଷ ପାଇଁ ଅନୁମତି ଦେବା ଆବଶ୍ୟକ। ଏ ସମ୍ପର୍କରେ ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା କହିଛନ୍ତି, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ମୁତାବକ ଅବୈଧ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସହିତ ମାମଲା ରୁଜୁ କରାଯାଉଛି। ରବିବାର କେନ୍ଦ୍ରୀୟ ଦଳ ଅନୁଧ୍ୟାନ କରିବା ପାଇଁ ଆସୁଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ଯୋଜନା ଥିବା ସେ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବୃଦ୍ଧାଶ୍ରମ ଗଲେ ସୋମନାଥ

ଓଡ଼ଗାଁ,୧୧।୧୨(ସ୍ୱ.ପ୍ର.):ଜିଲା ସାମାଜିକ ଅଧିକାରୀଙ୍କ ନିର୍ଦ୍ଦେଶରେ ପ୍ରଶାସନ ପକ୍ଷରୁ ଓଡ଼ଗାଁ ଥାନା ରଙ୍ଗଣୀପାଟଣା ଗାଁର ସୋମନାଥ ଡାକୁଆ(୮୦)ଙ୍କୁ ରଣପୁର ବ୍ଲକ ଲକ୍ଷ୍ମୀନାରାୟଣପୁର ବୃଦ୍ଧାଶ୍ରମକୁ ପଠାଯାଇଛି । ସୋମନାଥଙ୍କ ପୁଅ, ବୋହୂ ଓ ଝିଅ ବାହାରେ ରୁହନ୍ତି । ବୃଦ୍ଧ ବୟସରେ ଏକୁଟିଆ ରହିବା ସମ୍ଭବ ହେଲା ନାହିଁ । ଏଣୁ ସୋମନାଥ ଝିଅ ଘରେ ଯାଇ ରହୁଥିଲେ । ହେଲେ ଅସୁସ୍ଥତା ଦେଖାଇ ଝିଅ ବାପାଙ୍କୁ ନିଜ ଘର ରଙ୍ଗଣୀପାଟଣା ତୋଟାସାହିରେ ୨ ବର୍ଷ ତଳେ ଛାଡି ପଳାଇ ଯାଇଥିଲେ। ସୋମନାଥ ବହୁ କଷ୍ଟରେ ଗାଁରେ ରହି ଅଭିଶପ୍ତ ଜୀବନଯାପନ କରୁଥିଲେ । ତେବେ ଖବର ପାଇ ଓଡ଼ଗାଁ ଗାୟତ୍ରୀ ପରିବାର ସଦସ୍ୟମାନେ ୩ମାସ ହେଲା ତାଙ୍କର ସେବା ସୁଶ୍ରୁଶା କରି ଆସୁଥିଲେ । ସୋମନାଥଙ୍କ ସମ୍ପର୍କରେ ଗାୟତ୍ରୀ ପରିବାର ପକ୍ଷରୁ ଜିଲା ସାମାଜିକ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅବଗତ କରାଯାଇଥିଲା ।

### ଦୁର୍ବୃତ୍ତ ଝାମ୍ପି ନେଲେ ୯୦ ହଜାର

ପୋଲସରା,୧୧।୧୨(ଡି.ଏନ.ଏ.) : ଗଞ୍ଜାମ ଜିଲା ପୋଲସରା ଥାନା ବୁଢ଼ାମ୍ବ ରାସ୍ତାର ମାରଦା ମନ୍ଦିର ଛକ ନିକଟରେ ଜଣେ ଯୁବକଠାରୁ ୯୦ ହଜାର ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଶନିବାର ପୂର୍ବାହ୍ନରେ ୪ ଜଣ ଦୁର୍ବୃତ୍ତ ଜିତୁନ ଦଳେଇଙ୍କୁ ଅଟକାଇ ଆକ୍ରମଣ କରିବା ସହ ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ଜିତୁନ ପୋଲସରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୪୩୫/୨୧ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ନେଇ ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

### ସରପଞ୍ଚଙ୍କୁ ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

ବୁଗୁଡ଼ା,୧୧।୧୨ (ଡି.ଏନ.ଏ.): ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ପୋଟାଲୁଣ୍ଡି ସରପଞ୍ଚ ବିଜୁଳି ଜେନାଙ୍କୁ ଆକ୍ରମଣ ଘଟଣାରେ ଶନିବାର ପୋଲିସ ଜଣେ ଯୁବକଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ରାମଗଡ଼ ଗ୍ରାମର କୃଷ୍ଣ ଚନ୍ଦ୍ର ଦାଶ। କୃଷ୍ଣ ଚନ୍ଦ୍ର ତାଙ୍କର ଭିଣୋଇ ଓ ଶାଶୁ ପାଇଁ ବାର୍ଦ୍ଧକ୍ୟ ଭତ୍ତା କରାଇ ଦେବାକୁ ସରପଞ୍ଚଙ୍କୁ କହିଥିଲେ। ତେବେ ଶାଶୁଙ୍କ ଭତ୍ତା ହୋଇଥିବା ବେଳେ ଭିଣୋଇଙ୍କ ଭତ୍ତା ହୋଇନଥିଲା। ଫଳରେ କୃଷ୍ଣ ସରପଞ୍ଚଙ୍କ ନାମରେ ଗ୍ରାମରେ ବିଭିନ୍ନ ମିଥ୍ୟା ପ୍ରଚାର କରିଥିଲେ। ଏ ନେଇ ସରପଞ୍ଚ କୃଷ୍ଣଙ୍କୁ ମୋ ନାଁରେ ମିଥ୍ୟା ପ୍ରଚାର କାହିଁକି କରୁଛ ବୋଲି ପଚାରିବାରୁ ତାଙ୍କୁ କୃଷ୍ଣ ଆକ୍ରମଣ କରିଥିଲେ। ସରପଞ୍ଚଙ୍କ ଏତଲା କ୍ରମେ ପୋଲିସ ନଂ. ୬୪୯/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ସ୍କୁଲ ରାତ୍ର ଜଗୁଆଳିଙ୍କ ମୃତଦେହ ଜବତ

ବ୍ରହ୍ମପୁର ଅଫିସ,୧୧।୧୨: ଟାଉନ୍ ଥାନା ଅନ୍ତର୍ଗତ ଆସିକା ରୋଡ଼ ତୁଳସୀନଗର ଷଷ୍ଠ ଲାଇନ୍ ସ୍ଥିତ ଏକ ଘରୋଇ ସ୍କୁଲ ପରିସରରୁ ରାତ୍ର ଜଗୁଆଳିଙ୍କ ଗଳିତ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଶିବରାମ ସାହୁ। ଟାଉନ୍ ଥାନା ପୋଲିସ ନଂ.୧୭/୨୧ରେ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି। ଭଡ଼ାଘରେ ଚାଲିଥିବା ଉକ୍ତ ଘରୋଇ ସ୍କୁଲର ଉପର ମହଲାରେ ଶିବରାମ ରହୁଥିଲେ।

# ଜୀବିତ ଲୋକଙ୍କ ନାଁରେ କୋଭିଡ୍ ସହାୟତା

- କୋଭିଡ୍ ମୃତକଙ୍କୁ ନେଇ ଉଠିଲା ପ୍ରଶ୍ନ
- ବଞ୍ଚି ଥାଉ ଥାଉ ମାରିଦେଲା ପ୍ରଶାସନ

ନୟାଗଡ଼ ଅଫିସ,୧୧।୧୨

ଜୀବିତ ଲୋକଙ୍କ ନାମରେ କୋଭିଡ୍ ସହାୟତା ରାଶି ନୟାଗଡ଼ ଜିଲାର ବିଭିନ୍ନ ତହସିଲକୁ ଆସିବା ପରେ କୋଭିଡ୍‌ରେ ପ୍ରାଣ ହରାଇଥିବା ମୃତକଙ୍କ ରିପୋର୍ଟ ଉପରେ ପ୍ରଶ୍ନ ଉଠିଛି । ଏନେଇ ଭାପୁର ବ୍ଲକ ଭାପୁର ପଞ୍ଚାୟତର କୁବେର ସାହୁ କ୍ଷୋଭର ସହ କହିଛନ୍ତି, ମୁଁ ବଞ୍ଚି ଥାଉ ଥାଉ ପ୍ରଶାସନ ମୋତେ ମାରି ଦେଇଛି। କୁବେରଙ୍କ ସୂଚନା ଅନୁସାରେ ତାଙ୍କୁ କରୋନା ହୋଇଥିଲା । ସେ କୌଣସି କୋଭିଡ୍ ସେଣ୍ଟରକୁ ଚିକିତ୍ସା ପାଇଁ ଯାଇ ନ ଥିଲେ । ହୋମ୍ ଆଇସୋଲେଶନରେ ରହି ସୁସ୍ଥ ହୋଇଛନ୍ତି । ସେହିପରି ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ତରାବାଲୋ ଗାଁର କୁନ୍ତଳା ବେହେରା, ଶାଳପଡା ପଞ୍ଚାୟତ କେନ୍ଦୁପଲ୍ଲୀ ଗାଁର ନାରାୟଣ ପଣ୍ଡା, ବିଜିପୁର ପଞ୍ଚାୟତ ମାଳିବେରଣୀ ଗାଁର ଜଣେ ବ୍ୟକ୍ତି ମଧ୍ୟ ଅନୁରୂପ ଭାବେ ପ୍ରାଣ ହରାଇଛନ୍ତି ବୋଲି ତହସିଲଦାରଙ୍କ ପାଖକୁ ଆସିଥିବା ରିପୋର୍ଟ କହୁଛି। ହେଲେ ରିପୋର୍ଟରେ ମୃତକ ଥିବା ଏହି ଲୋକମାନେ ଜୀବିତ ରହିଛନ୍ତି ସମ୍ପୃକ୍ତ ବ୍ୟକ୍ତିମାନେ ପ୍ରଶାସନ ଉପରେ ଅସନ୍ତୋଷ ବ୍ୟକ୍ତ କରି ଏହାର ତଦନ୍ତ କରିବାକୁ ନିବେଦନ କରିଛନ୍ତି । ଏପରି ଅବ୍ୟବସ୍ଥା ଖଣ୍ଡପଡ଼ା, ଓଡ଼ଗାଁ, ରଣପୁର ବ୍ଲକରେ ହୋଇଥିବା ଅଭିଯୋଗ ଉଠିଛି ।



କୁବେର ସାହୁ

କୋଭିଡ୍‌ରେ ନୟାଗଡ଼ ଜିଲାରେ କେତେ ଲୋକ ମରିଛନ୍ତି ସେନେଇ ଠିକ୍ ତଥ୍ୟ ଆଜି ପର୍ଯ୍ୟନ୍ତ ଜଣାପଡ଼ି ନାହିଁ । ସରକାର କୋଭିଡ୍‌ରେ ମୃତକଙ୍କ ତଥ୍ୟ ଲୁଚାଇବାଠାରୁ ଆରମ୍ଭ କରି ମୃତବ୍ୟକ୍ତି ଅନ୍ୟରୋଗରେ ପ୍ରାଣ ହରାଇଥିବା ଦର୍ଶାଇ ଅଛି । ଏହି ରିପୋର୍ଟକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରତିବାଦ ହୋଇଛି । କୋଭିଡ୍‌କୁ ସରକାର ମହାମାରୀ ଘୋଷଣା କରିବା ପରେ ଏଥିରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇଛନ୍ତି । ଏହି ସହାୟତା ରାଶି ନୟାଗଡ଼ ଜିଲାରେ ବଣ୍ଟନ ଆରମ୍ଭ ହୋଇଛି। ତେବେ ଜିଲାର ବିଭିନ୍ନ ତହସିଲକୁ କୋଭିଡ୍ ମୃତକଙ୍କ ନେଇ ଯେଉଁ ରିପୋର୍ଟ ଆସିଛି ସେଥିରେ ତ୍ରୁଟି ଥିବା ପରିଲକ୍ଷିତ ହୋଇଛି । ଆରଆଇ ରିପୋର୍ଟ ଧରି ଗାଁକୁ ଯିବାବେଳେ ବଞ୍ଚିଥିବା ଲୋକଙ୍କ ନାଁ ଧରି ମୃତକ ସହାୟତା ରାଶି ନେବା ପାଇଁ କହିବା ଘଟଣା ବିଭିନ୍ନ ସ୍ଥାନରେ ଉତ୍ତେଜନା ସୃଷ୍ଟି କରୁଛି । ଏହାକୁ ନେଇ କେତେକ ସ୍ଥାନରେ ଆରଆଇମାନେ ହଟହଟା ହେଉଛନ୍ତି । ଏନେଇ ଭାପୁର ତହସିଲଦାର ତୃପ୍ତି ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ । ସେହିପରି ମୋରଡା ଆରଆଇ ପ୍ରଫୁଲ୍ଲ ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ ବି ଫୋନ ଉଠାଇ ନ ଥିଲେ । ନୟାଗଡ଼ ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ କୋଭିଡ୍ ମୃତକ ରିପୋର୍ଟରେ ତ୍ରୁଟି ରହିଥିବା ସ୍ୱୀକାର କରିଥିଲେ । ଏପରିକି ଜିଲାର ଭାପୁର, ଖଣ୍ଡପଡ଼ା, ଓଡ଼ଗାଁ, ରଣପୁର ପରି ବ୍ଲକରେ ଜୀବିତ ଲୋକଙ୍କୁ ମୃତ ଦର୍ଶାଇ ସହୟତା ରାଶି ଆସିଥିବା କହିଥିଲେ। ଏହା ଜଣାପଡିବା ପରେ କୋଭିଡ୍ ମୃତକଙ୍କ ରିପୋର୍ଟକୁ ଯାଞ୍ଚ କରି ସହାୟତା ରାଶି ବଣ୍ଟନ କରିବାକୁ ତହସିଲଦାର ମାନଙ୍କୁ କୁହାଯାଇଥିବା ସେ କହିଛନ୍ତି।

## ମଦରେ ବିଷ ମିଶାଇ ମାମୁଙ୍କୁ ମାରିଦେଲେ

**ଭଣଜା ସମେତ ୨ ଗିରଫ**

ଟାଙ୍ଗୀ(ଖୋର୍ଦ୍ଧା),୧୧।୧୨(ଡି.ଏନ୍.ଏ.)

ନୟାଗଡ଼ ଜିଲା ଚାନ୍ଦପୁର ଥାନା ଅନ୍ତର୍ଗତ ପଟିଆ ପଞ୍ଚାୟତର କେନ୍ଦୁଆମାଳ ଜଙ୍ଗଲରୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରିଥିଲା। ମୃତକ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ ହରିକୁଣ୍ଡ ବରଡ଼ି ଗ୍ରାମର ବ୍ରଜ ବିଶ୍ୱାଳ। ଏହି ଘଟଣାରେ ପୋଲିସ ବ୍ରଜଙ୍କ ଭଣଜା ଚାନ୍ଦପୁର ଶାସ୍ତ୍ରୀନଗରର ନବ ପ୍ରଧାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଥିଲା। ନବ ମଦ ବୋତଲରେ ବିଷ ମିଶାଇ ତାଙ୍କ ମାମୁଙ୍କୁ ପିଆଇ ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବ୍ରଜଙ୍କ ମୃତ୍ୟୁ ହୋଇଥିଲା। ଏହାକୁ ଆତ୍ମହତ୍ୟା ରୂପଦେବାକୁ ନବ ଓ ତାଙ୍କ ସମ୍ପର୍କୀୟ ଶିବ ସାହୁ କେନ୍ଦୁଆମାଳ ଜଙ୍ଗଲରେ ମୃତଦେ ପିଙ୍ଗି ଦେଇଥିଲେ ବୋଲି ପୋଲିସ ଜାଣିବାକୁ ପାଇଥିଲା। ଶନିବାର ନବ ଓ ଶିବଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି ବୋଲି ଆଇଆଇସି ରଶ୍ମି ରଞ୍ଜନ ଦାସ କହିଛନ୍ତି। ଅନ୍ୟପଟେ ଏହି ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନାହିଁ।

## ସଙ୍ଗୀତ,ଶପଥରେ ସ୍ୱଚ୍ଛ ବାର୍ତ୍ତା

ନୟାଗଡ଼ ଅଫିସ,୧୧।୧୨

ନୟାଗଡ଼ ମ୍ୟୁନିସିପାଲିଟିର ପୁରୁଣା ବସ୍‌ଷ୍ଟାଣ୍ଡ ଛକ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ଛକ ନିକଟରେ ଉନ୍ନତମାନର ଶୌଚାଳୟକୁ ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ ଶନିବାର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପୁରୁଣା ବସଷ୍ଟାଣ୍ଡର ଟ୍ରାଫିକ ଛକରେ ଆୟୋଜିତ ଏକ ସଭାରେ ସ୍ୱଚ୍ଛ ସଙ୍ଗୀତ ଉନ୍ମୋଚନ ଓ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଉଭୟ ସଙ୍ଗୀତ ଓ ଶପଥରେ ସ୍ୱଚ୍ଛ ଓ ସୁସ୍ଥର ବାର୍ତ୍ତା ରହିଥିଲା । ସମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ପୋମା ଟୁଡୁ, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଅତିଥି ରୂପେ ଯୋଗ ଦେଇଥିଲେ। ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ମଞ୍ଚାସୀନ ଥିଲେ । ସ୍ୱଚ୍ଛ ସଙ୍ଗୀତର ରଚୟିତା ତଥା କଣ୍ଠଶିଳ୍ପୀ ଜୟଶ୍ରୀ ଧଳଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା । ଜୟଶ୍ରୀ ସଭାରେ ନୟାଗଡ଼ ସହରର ସ୍ୱଚ୍ଛ ସଙ୍ଗୀତକୁ ଆବୃତ୍ତି କରିଥିଲେ । ସଭାରେ ମନ୍ତ୍ରୀଙ୍କ ସମେତ ଉପସ୍ଥିତ ପଦାଧିକାରୀ, ରାଜନେତା, ସହରବାସୀ ଯୋଗ ଦେଇ ଶପଥ କରିଥିଲେ । ମନ୍ତ୍ରୀ କହିଥିଲେ ପ୍ରତିଦିନ ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଓଦା ଓ ଶୁଖିଲା ଦୁଇଟି ନୀଳ ଓ ସବୁଜ ଡଷ୍ଟବିନ୍‌ରେ ରଖନ୍ତୁ । ମ୍ୟୁନିସିପାଲିଟି ପକ୍ଷରୁ ୧୨ଟି ଗାଡି ଦୁଇ ପ୍ରକାରର ଆବାର୍ଜନାକୁ ନେବା ପାଇଁ ବ୍ୟବସ୍ଥା ରହିଛି । ଅଳିଆ ବୁହା ଗାଡ଼ି ପହଞ୍ଚିଲେ ଆପଣମାନେ ନିର୍ଦ୍ଧାରିତ ସ୍ଥାନରେ ଅଳିଆ, ଆବର୍ଜନା ପକାଇ ପାରିବେ । ଅନ୍ୟପକ୍ଷେ ସଭା ଶେଷ କରି ମନ୍ତ୍ରୀ ଚାଲି ଯାଉଥିବା ବେଳେ ପୁରୁଣା ବସ୍‌ଷ୍ଟାଣ୍ଡର ଡ୍ରେନ ନିକଟରେ ଥିବା ଗର୍ତ୍ତରେ ପ୍ଲାଷ୍ଟିକ ଚା ଗ୍ଲାସ ଭର୍ତ୍ତି ହୋଇଥିବା ଦେଖି ଅସନ୍ତୋଷ ବ୍ୟକ୍ତ କରିଥିଲେ । ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ପଦକ୍ଷେପ ନେବାକୁ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀଙ୍କୁ କହିଥିଲେ। ନିକଟରେ ଜିଲାପାଳ ଉପସ୍ଥିତ ଥିଲେ ।




ପୁରୁଣା ବସ୍‌ଷ୍ଟାଣ୍ଡରେ ପଡ଼ିଥିବା ଆବର୍ଜନାକୁ ଦେଖି ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରୁଛନ୍ତି ।

## ଛୁରିମାଡ଼, ଜେଲ ଗଲେ ଯୁବକ

**ପେଟ୍ରୋଲ ପମ୍ପର ସେଲସ୍‌ମ୍ୟାନ୍ ଆହତ**

ନୟାଗଡ଼ ଅଫିସ,୧୧।୧୨

ଛୁରି ମାରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ଦୁର୍ଗାପ୍ରସାଦର ବିଜୟ ଲେଙ୍କା(୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ବିଜୟଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଅଭିଯୋଗ ଅନୁସାରେ ବିଜୟ ନୟାଗଡ଼ ସହରର ରିଲିୟାନ୍ସ ପେଟ୍ରୋଲ ପମ୍ପକୁ ଯାଇ ସେଲସ୍‌ମ୍ୟାନ୍ ଇଟାମାଟିର ରମେଶ କୁମାର ସାହୁଙ୍କୁ ଦାଦା ବଟି ୫୦୦ ଟଙ୍କା ମାଗିଥିଲେ । ସେ ଅରାଜି ହୋଇ ଅସହାୟ ପ୍ରକାଶ କରିବା ପରେ ତାଙ୍କୁ ରାଗରେ ଛୁରି ମାରିଥିଲେ। ଛୁରି ବେକରେ ନ ବାଜି ଗାଲରେ ବାଜିଥିଲା । ଏହି ଆକ୍ରମଣରେ ରମେଶ ଆହତ ହୋଇଥିଲେ । ରମେଶଙ୍କ ଅଭିଯୋଗ ଓ ପେଟ୍ରୋଲ ପମ୍ପର ସିସିଟିଭିକୁ ଯାଞ୍ଚ କରି ପୋଲିସ ଏକ ମାମଲା(ନଂ.୨୫୧/୨୧) ରୁଜୁ କରି ତଦନ୍ତ କରିଥିଲା ।

## ଭବିଷ୍ୟତ ଗଠନ କର୍ମଶାଳା

ଭଞ୍ଜନଗର,୧୧।୧୨(ଡି.ଏନ.ଏ)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶନିବାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ଼.ସୁବାସ ଚନ୍ଦ୍ର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଫୁଲବାଣୀ ବାଣିଜ୍ୟ କର ବିଭାଗର ଡ଼େପୁଟି କମିଶନର ଡ଼.ବିଭୂଦତ ଆଚାର୍ଯ୍ୟ ସାଧନବ୍ୟକ୍ତି ଭାବେ ଯୋଗଦେଇ ଯୁକ୍ତ ୩ ସରିବା ପରେ ଛାତ୍ରୀଛାତ୍ରମାନେ କେଉଁଭଳି ଭବିଷ୍ୟତ ଗଠନ କରିବେ ସେନେଇ ପରାମର୍ଶ ଦେଇଥିଲେ। ସ୍ନାତକ ଶିକ୍ଷା ପରେ ଅନେକ ନିଯୁକ୍ତି ସୁଯୋଗ ଅଛି। ନିଯୁକ୍ତି ପରୀକ୍ଷା ସମ୍ମୁଖୀନ ପୂର୍ବରୁ ନିଜକୁ ମାନସିକ ପ୍ରସ୍ତୁତ କରିବାକୁ ପଡ଼ିବ। ଏଥିପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆଗ୍ରହ ଏବଂ ଧର୍ଯ୍ୟ ଲୋଡ଼ା ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ । ଅଧାପକ ହରମୋହନ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧାପକ ଡ଼.ରବିନ୍ଦ୍ର ନାଥ ପାଳ, ବିଭୂତି ଭୂଷଣ ପାଣିଗ୍ରାହୀ,ରାଜେନ୍ଦ୍ର କୁମାର ଦାସ ପ୍ରମୁଖ ଆଲୋଚନାରେ ଭାଗନେଇ ସ୍ନାତକ ପରେ କେଉଁ କେଉଁ ରୋଜଗାର ମିଳିପାରିବ ସେନେଇ କହିଥିଲେ।

## ୪୧୧ ମାମଲାର ଆଶୁ ସମାଧାନ

**ଚତୁର୍ଥ ଜାତୀୟ ଲୋକ ଅଦାଲତ**



ଜାତୀୟ ଲୋକ ଅଦାଲତ ।

ବ୍ରହ୍ମପୁର ଅଫିସ,୧୧।୧୨

ଜିଲା କୋର୍ଟ ପରିସରରେ ଚଳିତବର୍ଷର ଚତୁର୍ଥ ଜାତୀୟ ଲୋକ ଅଦାଲତ ଆୟୋଜିତ ହୋଇ ୪୧୧ଟି ମାମଲାର ଆଶୁ ସମାଧାନ କରାଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ ଅନୁସାରେ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ସହଯୋଗରେ ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଆନନ୍ଦ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଲୋକ ଅଦାଲତ ହୋଇଥିଲା। ଅଦାଲତରେ ୪ଟି ବେଞ୍ଚ ଜରିଆରେ ଜିଲା ଜଜ୍‌ଙ୍କ ତତ୍ତ୍ୱାବଧାନରେ ୭୮ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲାର ସମାଧାନ କରି କ୍ଷତିପୂରଣ ବାବଦକୁ ବୀମା କମ୍ପାନିଗୁଡ଼ିକୁ ମୋଟ ୩କୋଟି ୩୩ଲକ୍ଷ ୪୮ହଜାର ଟଙ୍କା ପ୍ରଦାନ କରିବା ପାଇଁ ଆଦେଶ ଦିଆଯାଇଥିଲା। ୨୨ଟି ଚେକ୍ ବାଉନ୍ସ ମାମଲାର ଶୁଣାଣି କରି ୪୮ଲକ୍ଷ ୯୫ହଜାର ୮୩୯ ଟଙ୍କା ଫେରସ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୪୬ଟି ବିବାହ ସମ୍ପର୍କିତ, ୮୯ଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ସମାଧାନ କରାଯାଇଛି। ଦ୍ୱିତୀୟ ଏମ୍‌ଏସିଟି ଜଜ୍ ବିକ୍ରମ ପଟ୍ଟନାୟକ, ପରିବାର ଅଦାଲତ ଜଜ୍ ଅଶ୍ୱିନ ଚନ୍ଦ୍ର ନାଇକ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ସ୍ଥଘମିତ୍ରା ଶର୍ମା, ତୃତୀୟ ଅତିରିକ୍ତ ଜିଲା ଜଜ୍ ରାଜଶ୍ରୀ ମହାପାତ୍ର ମକଦ୍ଦମାର ଫଇସଲା କରିଥିଲେ। ରେଜିଷ୍ଟ୍ରାର ଅମେରେଶ ନାୟକ, ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଅଜ୍ଜନା ସ୍ୱାଇଁ ପରିଚାଳନା କରିଥିଲେ। ସରକାରଙ୍କ କୋଭିଡ୍ ନିୟମ ପାଳନ କରି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା।

## ନୟାଗଡ଼ରେ ଲୋକ ଅଦାଲତ

ନୟାଗଡ଼ ଅଫିସ,୧୧।୧୨

ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ନୟାଗଡ଼ ଜିଲା ଅଦାଲତ ସମେତ ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଲୋକ ଅଦାଲତରେ ୧୧୮୭ ଦେୱାନି ଓ ଫୌଜଦାରୀ ମାମଲା ଆଗତ ହୋଇଥିଲା । ସେଥିରୁ ୧୩୩ ମାମଲା ଫଇସଲା ହୋଇ ୩୬,୯୬,୯୪୮ ଟଙ୍କା ହିତାଧିକାରୀମାନଙ୍କୁ ପ୍ରଦାନ ଲାଗି ସ୍ଥିର ହୋଇଛି । ସେହିପରି ୧୬୪୮ଟି ବ୍ୟାଙ୍କ ଋଣ ଅନାଦେୟ ମାମଲାର ଆଗତ ହୋଇ ୧୬୬ ମାମଲାର ଫଇସଲା ହୋଇ ୫୨,୪୧,୦୨୮ ଟଙ୍କା ଆଦାୟ ହେବା ପାଇଁ ସ୍ଥିର ହୋଇଛି । ଜିଲା ଜଜ ରୂପଶ୍ରୀ ଚୌଧୁରୀଙ୍କ କୋର୍ଟରେ ୪୦ ଗାଡ଼ି ମୋଟର ଦୁର୍ଘଟଣା ମାମଲାରୁ ୮ ଗୋଟି ମାମଲା ଫଇସଲା ହୋଇ ୩୫,୫୫,୯୮୪ ଟଙ୍କାର ବୀମାରାଶି ପ୍ରଦାନ ପାଇଁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜିଲାରେ ୩୪ ଦେୱାନୀ ମାମଲା, ୩ ଦଫା ଯୋଗ୍ୟ ଫୌଜଦାରୀ ମାମଲା,୪ ବୈବାହିକ ମାମଲା, ୭ ଚେକ୍ ବାଉନ୍ସ ମାମଲା, ଏବଂ ୭୭ ଅପରାଧ ମାମଲାର ଫଇସଲା ହୋଇଛି । ଏହି ଅଦାଲତରେ ପରିବାର ଅଦାଲତ ଜଜ ପ୍ରଦୀପ କୁମାର ମହନ୍ତ, ସବଜଜ ଅମିତାଭ ପଣ୍ଡା ଓ ପବିତ୍ରାନନ୍ଦ ପ୍ରଧାନ, ଏସଡିଜେଏମ୍ ବବିତା ପାତ୍ର, ଜେଏମଏଫସି ପ୍ରଚେତା ପ୍ରିୟଦର୍ଶିନୀ ମହାପାତ୍ର, ରେଜିଷ୍ଟ୍ରାର ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ମାମଲା ଫଇସଲା କରିଛନ୍ତି ।




ନୟାଗଡ଼ରେ ଅନୁଷ୍ଠିତ ଲୋକ ଅଦାଲତ ।

## ସ୍ୱଚ୍ଛତା ପକ୍ଷ ପାଳନ

ଗୋଷାଣୀ,୧୧।୧୨

ଗୋଷାଣୀ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପରିସରରେ ଗୁରୁବାର ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବ୍ଲକର ୨୦ ବିଦ୍ୟାଳୟର ପ୍ରବନ୍ଧରେ ୨୧ ଓ ଚିତ୍ରାଙ୍କନରେ ୨୯ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ଗୋଷ୍ଠୀ ଶିକ୍ଷାଧିକରୀ, ବିଆର୍‌ସିସି ଓ ସିଆର୍‌ସିସି ଯୋଗଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଜିଲାପାଳଙ୍କ ସମୀକ୍ଷା

ଶେରଗଡ଼,୧୧।୧୨(ଡି.ଏନ୍.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଗଞ୍ଜାମ ଜିଲା ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଶନିବାର ଶେରଗଡ଼ ବ୍ଲକ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବା ପାଇଁ ଏକ ସମୀକ୍ଷା ବୈଠକ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ମୁଖ୍ୟମନ୍ତ୍ରୀ ଶେରଗଡ଼ ଆସି ଉଦ୍‌ଘାଟନ କରିବାକୁ ଥିବା କାର୍ଯ୍ୟକ୍ରମ ପାଇଁ ସମସ୍ତେ ସଜାଗ ରହିବାକୁ ପଡିବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେବଳ ପରିଚୟ ପତ୍ରଥିବା ବ୍ୟକ୍ତିଙ୍କୁ ଛଡ଼ାଯିବ। ଏଣୁ ନିଜ ବ୍ଲକର ବିଡିଓଙ୍କଠାରୁ ପରିଚୟ ପତ୍ର ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ର, ବିଡିଓ ଶମ୍ଭୁନାଥ ନନ୍ଦି, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ସିଡିପିଓ ଗୀତାଞ୍ଜଳି ରାଉଳ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବରିଷ୍ଠ ନେତା ହୀନ ବେହେରା ପ୍ରମୁଖଙ୍କ ସମେତ ବହୁ ନେତା ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ ।

## ଅର୍ଦ୍ଧନିର୍ମିତ ଶ୍ରେଣୀଗୃହରେ ଚାଲିଛି ଶିକ୍ଷାଦାନ

ଖଣ୍ଡପଡ଼ା,୧୧।୧୨(ସ୍ୱ.ପ୍ର.)

୧୯୯୩ରେ ପ୍ରତିଷ୍ଠା ହୋଇଥିବା ଖଣ୍ଡପଡ଼ା ବ୍ଲକ ରାଣୀପଡ଼ା ପଞ୍ଚାୟତର ବିରିଡିହିଟି ଭଗବତୀ ବିଦ୍ୟାପୀଠ ନାନା ସମସ୍ୟା ଦେଇ ଗତି କରୁଛି। ରାଜ୍ୟ ସରକାର ଉକ୍ତ ବିଦ୍ୟାଳୟକୁ ୨୦୦୮ରେ ବ୍ଲକ୍‌ଗ୍ରାଣ୍ଟର ମାନ୍ୟତା ପ୍ରଦାନ କରିଥିଲେ। ସ୍କୁଲର ନବମ ଓ ଦଶମ ଶ୍ରେଣୀରେ ପ୍ରାୟ୧୫୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ପ୍ରତିବର୍ଷ ମାଟ୍ରିକ ପରୀକ୍ଷାରେ ଉକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବ୍ଲକସ୍ତରରେ ପ୍ରଥମ ହେଉଥିବା ନଜିର ରହିଛି । ୨୦୧୭ରୁ ଏହି ସ୍କୁଲ ନିଜସ୍ୱ ଗୃହରେ ଶିକ୍ଷାଦାନ ଆରମ୍ଭ କରିଥିଲେ ମଧ୍ୟ ଅନୁଦାନ ଅଭାବରୁ ନିର୍ମାଣ କାମ ସରିନାହିଁ । ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର କର ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ଖଣ୍ଡପଡ଼ା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳି ନାହିଁ । ପ୍ରଶାସନର ଅଣଦେଖା ସାଙ୍ଗକୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବିଦ୍ୟାପୀଠଟିର ସାମଗ୍ରୀକ ବିକାଶ ଦିଗରେ ବାଧକ ସାଜିଥିବା ଅଞ୍ଚଳବାସୀ କହିଛନ୍ତି। ବିଦ୍ୟାପୀଠର ଶ୍ରେଣୀଗୃହଗୁଡ଼ିକ ପ୍ଲାଷ୍ଟର ହୋଇ ହୋଇନାହିଁ । ସେହି ଅର୍ଦ୍ଧ ନିର୍ମିତ ଶ୍ରେଣୀଗୃହରେ ଶିକ୍ଷାଦାନ ଚାଲିଛି । ସ୍କୁଲକୁ ବିଦ୍ୟୁତ୍ ସଂଯୋଗ ନାହିଁ । ପାନୀୟ ଜଳ ସମସ୍ୟାକୁ ନେଇ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଖେଳପଡ଼ିଆର ଉନ୍ନତୀକରଣ, ପ୍ରାଚୀର ନିର୍ମାଣ କାମ ଆବଶ୍ୟକ ଅନୁଦାନ ଅଭାବରୁ ଅଧାରେ ଅଟକି ଥିବା ରାଣୀପଡ଼ା ସରପଞ୍ଚ ଅକ୍ରୁର କୁମାର ମହାରଣା ସୂଚନା ଦେଇଛନ୍ତି। ୫-ଟି ରୂପାନ୍ତରଣ ଯୋଜନାରେ ଗୋଟିଏ ସ୍କୁଲ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ଏହି ବିଦ୍ୟାପୀଠଟି ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହି ଯାଇଛି। ରାଣୀପଡ଼ା ପଞ୍ଚାୟତବାସୀ ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଶିକ୍ଷା ବିଭାଗ ଉଚ୍ଚକର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।




ଅର୍ଦ୍ଧନିର୍ମିତ ଭଗବତୀ ବିଦ୍ୟାପୀଠ ।

